بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 46

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18 ନଭେମ୍ବର 2021    18 ନବୁଓ୍ୱତ୍ 1400 ହି.ଶ    12 ରବିଉଲ୍ ସାନି 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا عَلَيۡكُمۡ اَنۡفُسَكُمۡ‌ۚ لَا يَضُرُّكُمۡ مَّنۡ ضَلَّ اِذَا اهۡتَدَيۡتُمۡ‌ؕ اِلَى اللّٰهِ مَرۡجِعُكُمۡ جَمِيۡعًا فَيُنَبِّئُكُمۡ بِمَا كُنۡتُمۡ تَعۡمَلُوۡنَ (سورۃ المائدہ:106)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ତୁମେମାନେ ନିଜ ପାଇଁ ଦାୟୀ; ଯେତେବେଳେ ତୁମେମମାନେ ସତ୍‌ପଥଗାମୀ ହେବ ସେତେବେଳେ ଅନ୍ୟ କେହି ପଥଭ୍ରଷ୍ଟ ହେଲେ ତୁମମାନଙ୍କର କୌଣସି କ୍ଷତି ହେବନାହିଁ; ତୁମ ସମସ୍ତଙ୍କୁ ଅଲ୍ଲାଃଙ୍କ ନିକଟକୁ ଫେରିବାକୁ ହେବ; ସୁତରାଂ ତୁମେମାନେ ଯାହା କିଛି କରୁଅଛ ସେ ତୁମମାନଙ୍କୁ ତାହା ଜଣାଇଦେବେ । *(ସୁରଃ- ମାଇଦା: ୧୦୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ମୁଁ ସତ୍ୟ କହୁଅଛି ଯେ ଏହି ବଦ୍‌ଜନି (ସନ୍ଦେହ ଓ କୁଧାରଣା) ହେଉଛି ଅତ୍ୟନ୍ତ ଭୟଙ୍କର ବିପତି । ଏହା ମନୁଷ୍ୟର ଇମାନ୍ (ବିଶ୍ୱାସ)କୁ ନଷ୍ଟ କରିଦିଏ, ତାକୁ ସତ୍ୟର ପଥରୁ ଦୂରେଇ ଦିଏ ଏବଂ ବନ୍ଧୁମାନଙ୍କୁ ଶତ୍ରୁ ବନାଇଦିଏ**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ବଦ୍‌ଜନି (ଅର୍ଥାତ ଅସୁସ୍ଥ ଚିନ୍ତାଧାରା ଓ ହେଉଛି) ସତ୍ୟର ମୂଳକୁ କାଟି ଦେଉଥିବା ବସ୍ତୁ

ଏକଥା ଖୁବ୍ ମନେରଖନ୍ତୁ ଯେ ସମସ୍ତ ମନ୍ଦକାର୍ଯ୍ୟ ଓ କୁକର୍ମ ବଦ୍‌ଜନି (ଅର୍ଥାତ ଖରାପ ଚିନ୍ତାଧାରା ଓ ସନ୍ଦେହରୁ ହିଁ) ସୃଷ୍ଟି ହୋଇଥାଏ । ସେଥିଯୋଗୁଁ ଅଲ୍ଲାଃ ତାଲା ଏହାକୁ କଠୋରତାର ସହିତ ବାରଣ କରିଛନ୍ତି । ଅଲ୍ଲାଃ କହିଛନ୍ତି: **ଇନ୍ନା ବାଜଜ୍ ଯନ୍ନି ଇସ୍‌ମୁନ୍ (ଅଲ୍‌ହୁଜ୍‌ରାତ୍:୧୩)** ଅର୍ଥାତ:- କାରଣ କେତେକ ସନ୍ଦେହ ପାପରେ ପରିଣତ ହୋଇଥାଏ । ଯଦି ମୌଲବୀମାନେ ମତେ ସନ୍ଦେହ ନ କରନ୍ତେ (ଅର୍ଥାତ ମୋ ବିଷୟରେ ଖରାପ ଧାରଣା ନ ରଖନ୍ତେ), ଆନ୍ତରିକତାର ସହିତ ଆସି ମୋ କଥା ଶୁଣନ୍ତେ, ଆମର ପୁସ୍ତକଗୁଡ଼ିକୁ ପାଠ କରନ୍ତେ ଓ ଆମ ପାଖରେ ଆସି ଆମ ପରିସ୍ଥିତିକୁ ଅବଲୋକନ କରନ୍ତେ ତା'ହେଲେ ଆମ ଉପରେ ସେମାନେ ଯେଉଁ ଦୋଷାରୋପ କରୁଛନ୍ତି ତାହା ଆଉ କରନ୍ତେ ନାହିଁ । କିନ୍ତୁ ଯେତେବେଳେ ସେମାନେ ଅଲ୍ଲାଃଙ୍କର ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇଲେ ନାହିଁ ଓ ତା ଉପରେ ପ୍ରତିବଦ୍ଧ ହେଲେନାହିଁ ସେତେବେଳେ ତାହାର ଫଳାଫଳ ଏହା ହେଲା ଯେ ସେମାନେ ମୋ ଉପରେ ଓ ମୋ ଜମାତ୍ ଉପରେ ମଧ୍ୟ ସନ୍ଦେହ କଲେ ଏବଂ ମିଥ୍ୟା ଅଭିଯୋଗ ଓ ଆପତି କରିବା ଆରମ୍ଭ କରିଦେଲେ । ଏପରି କି ସେମାନଙ୍କ ମଧ୍ୟରୁ କିଛି ଏକଥା ଲେଖିବାକୁ ପଛାଇଲେ ନାହିଁ ଯେ ଆମେମାନେ କୁଆଡ଼େ ନାସ୍ତିକମାନଙ୍କର ଏକ ଗୋଷ୍ଠୀ । ନମାଜ ପାଠ କରୁନାହୁଁ, ରୋଜା ରଖୁନାହୁଁ ଇତ୍ୟାଦି ଇତ୍ୟାଦି । ଏବେ ଯଦି ସେମାନେ ଏପରି ମନ୍ଦ ଧାରଣାରୁ ଦୂରେଇ ରୁହନ୍ତେ ତା'ହେଲେ ସେମାନଙ୍କୁ ମିଥ୍ୟାର ଅଭିଶାପ ତଳେ ଦବି ରହିବାକୁ ପଡ଼ନ୍ତା ନାହିଁ ଓ ସେମାନେ ଏଥିରୁ ରକ୍ଷା ପାଇଯାନ୍ତେ । ମୁଁ ସତ୍ୟ କହୁଅଛି ଯେ ଏହି ବଦ୍‌ଜନି (ସନ୍ଦେହ ଓ କୁଧାରଣା) ହେଉଛି ଅତ୍ୟନ୍ତ ଭୟଙ୍କର ବିପତି । ଏହା ମନୁଷ୍ୟର ଇମାନ୍ (ବିଶ୍ୱାସ)କୁ ନଷ୍ଟ କରିଦିଏ, ତାକୁ ସତ୍ୟର ପଥରୁ ଦୂରେଇ ଦିଏ ଏବଂ ବନ୍ଧୁମାନଙ୍କୁ ଶତ୍ରୁ ବନାଇଦିଏ । ସତ୍ୟବାନ ପୁରୁଷମାନଙ୍କ ଭଳି ସିଦ୍ଧତା ପ୍ରାପ୍ତ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ସୁରଃ ଫାତିହାକୁ ମସାନି କହି ଏହା ବତାଯାଇଅଛି ଯେ ଏଥିରେ ପବିତ୍ର କୁର୍‌ଆନ୍‌ର ଶକ୍ତି ଓ ସାମର୍ଥ୍ୟର ସାରାଂଶ ରହିଛି । ଅର୍ଥାତ ଏହା ତ' କେବଳ ସାତଟି ସଂକ୍ଷିପ୍ତ ଆୟତର ସମାହାର କିନ୍ତୁ ଏଥିରେ ପବିତ୍ର କୁର୍‌ଆନ୍ ବିଷୟରେ ସମସ୍ତ ବିବରଣୀ ରହିଛି ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍‌ହିଜର୍ ଆୟତ ନଂ-୮୮ **ଓ୍ୱ ଲକଦ୍ ଆତୈନାକା ସବ୍‌ଅନ୍ ମିନଲ୍ ମସାନି ଓ୍ୱଲ୍‌କୁର୍‌ଆନଲ୍ ଅଜିମ୍** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:-

ଅଲ୍ଲାଃ ତାଲା କହିଛନ୍ତି ଆମେ ତୁମକୁ ସୁରଃ ଫାତିହା ପରି ନେମତ୍ (ଆର୍ଶିବାଦ) ପ୍ରଦାନ କରିଅଛୁ ଯାହା ହେଉଛି କେବଳ ସାତଟି ଆୟତ (ପଦ)ର ସମାହାର ଏବଂ ମସାନି । ମସାନିର ଅର୍ଥ ଅଭିଧାନରେ ବର୍ଣ୍ଣିତ ଅର୍ଥ ମୁତାବକ କୌଣସି ବସ୍ତୁର ଶକ୍ତି ଓ ବଳକୁ କୁହାଯାଏ । ସୁରଃ ଫାତିହାକୁ ମସାନି କହି ଏହା ବତାଯାଇଅଛି ଯେ ଏଥିରେ ପବିତ୍ର କୁର୍‌ଆନ୍‌ର ଶକ୍ତି ଓ ସାମର୍ଥ୍ୟର ସାରାଂଶ ରହିଛି । ଅର୍ଥାତ ଏହା ତ' କେବଳ ସାତଟି ସଂକ୍ଷିପ୍ତ ଆୟତର ସମାହାର କିନ୍ତୁ ଏଥିରେ ପବିତ୍ର କୁର୍‌ଆନ୍ ବିଷୟରେ ସମସ୍ତ ବିବରଣୀ ରହିଛି ।

କୁର୍‌ଆନେ ଅଜିମ୍‌ର ଭାବାର୍ଥ ବାକି କୁର୍‌ଆନ୍ ମଧ୍ୟ ହୋଇପାରେ ଏବଂ ଏହାର ଅର୍ଥ ଏମିତି ହେବେ ଯେ ସୁରଃ ଫାତିହା ମଧ୍ୟ ଦେଲି ଯାହା ହେଉଛି ପବିତ୍ର କୁର୍‌ଆନ୍‌ର ସଂକ୍ଷିପ୍ତ ସ୍ୱରୂପ ଏବଂ ବିସ୍ତୃତ କୁର୍‌ଆନ୍ ମଧ୍ୟ ଦେଲି ଏବଂ ଏହାର ଅର୍ଥ ସ୍ୱୟଂ ସୁରଃ ଫାତିହା ମଧ୍ୟ ହୋଇପାରେ । ଏପରି ସ୍ଥଳେ ଏହାର ଅର୍ଥ ଏପରି ହେବ ଯେ ସୁରଃ ଫାତିହା ହେଉଛି ପବିତ୍ର କୁର୍‌ଆନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କୁର୍‌ଆନ୍‌ର ଅର୍ଥ ସାରା କୁର୍‌ଆନ୍ ନୁହେଁ ବରଂ କୁର୍‌ଆନ୍‌ର ଏକ ଅଂଶ ବିବେଚନା କରାଯିବ ଏବଂ ଏପରି ସାଧାରଣତଃ ବାକ୍ୟରେ ବ୍ୟବହାର କରାଯାଇଥାଏ ଯେ ବେଳେବେଳେ କିଛି ଅଂଶ ପାଇଁ ସମ୍ପୂର୍ଣ୍ଣ ଶବ୍ଦକୁ ବ୍ୟବହାର କରାଯାଇଥାଏ ଯେମିତି ସାଧାରଣତଃ ଲୋକମାନେ କହିଥାନ୍ତି ଯେ କୁର୍‌ଆନ୍ ଶୁଣାଅ । ଏହାର ଅର୍ଥ ପୁରା

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

*(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

## ନବୀ ସ:ଆ:ସଙ୍କ ବାଣୀ

### ବରିରାଃ ର:ଅଙ୍କ ପାଇଁ ସଦ୍‌କାଃ ଆମ ପାଇଁ ଉପହାର

(୧୪୯୫) ହଜରତ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ:ଆ:ସଙ୍କ ପାଇଁ ମାଂସ ଅଣାଗଲା, ତାହା ବରିରାଃ ରଅଙ୍କୁ ସଦ୍‌କାଃ (ଦାନ) ଭାବରେ ଦିଆଯାଇଥିଲା । ମହାଭାଗ ସ:ଆ:ସ କହିଲେ ଏହା (ବରିରାଃ) ପାଇଁ ସଦ୍‌କାଃ ଓ ମୋ ପାଇଁ ଉପହାର ।

### ଦଳିତ ଓ ଉତ୍ପିଡ଼ିତଙ୍କ ଅଭିଶାପରୁ ଦୂରେଇ ରୁହନ୍ତୁ କାରଣ ଅଲ୍ଲାଃ ଏବଂ ସେମାନଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ

(୧୪୯୬) ହଜରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ହଜରତ ମାଆଜ୍ ବିନ୍ ଜବଲ୍ ର:ଅଙ୍କୁ ୟମନ୍ ଦେଶକୁ ପଠାଇବା ସମୟରେ ଏ ଉପଦେଶ ଦେଇଥିଲେ ଯେ ତୁମେ ଏମିତି ଲୋକମାନଙ୍କ ନିକଟକୁ ଯାଉଅଛ, ଯେଉଁମାନେ ହେଉଛନ୍ତି ଅହ୍‌ଲେ କିତାବ୍ (ଅର୍ଥାତ ଯେଉଁମାନଙ୍କୁ ଐଶୀ ପୁସ୍ତକ ଦିଆଯାଇଥିଲା) । ଯେବେ ତୁମେ ସେମାନଙ୍କ ନିକଟରେ ପହଂଚିବ, ସେମାନଙ୍କୁ ଏ କଥାର ସାକ୍ଷ୍ୟ ଦେବା ପାଇଁ ନିମନ୍ତ୍ରଣ ଦେବ ଯେ ଅଲ୍ଲାଃ ତାଲାଙ୍କ ବ୍ୟତୀତ ଆଉ କେହି (ପୂଜାର ଅଧିକାରୀ) ଠାକୁର ନାହାନ୍ତି ଏବଂ ମୁହମ୍ମଦ ସ:ଆ:ସ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍ ଅର୍ଥାତ ଦୂତ । ଯଦି ସେମାନେ ତୁମର ଏକଥା ମାନିନିଅନ୍ତି ତେବେ ସେମାନଙ୍କୁ କୁହ ଯେ ଅଲ୍ଲାଃ ତାଲା ସେମାନଙ୍କ ଉପରେ ସଦ୍‌କାଃ (ଜକାତ ଅର୍ଥାତ ଈଶ୍ୱରଙ୍କ ମାର୍ଗରେ ଦିଆଯାଉଥିବା ଦାନ) ମଧ୍ୟ ଧାର୍ଯ୍ୟ କରାଯାଇଛି ଯାହା ସେମାନଙ୍କ ଧନୀ ଲୋକଙ୍କଠାରୁ ନିଆଯିବ ଏବଂ ସେମାନଙ୍କ ମଧ୍ୟରେ ଥିବା ଅଭାବୀ ଲୋକମାନଙ୍କୁ ଦିଆଯିବ । ଯଦି ସେମାନେ ତୁମର ଏକଥା ମାନିନିଅନ୍ତି ତେବେ ଏକଥା ପ୍ରତି ଧ୍ୟାନ ଦେବ ଯେ ସେମାନଙ୍କ ଭଲ/ଉତମ ଧନକୁ ନେବ ନାହିଁ ଏବଂ ଦଳିତ (ନିଷ୍ପେଷିତ ଓ ଉତ୍ପିଡ଼ିତ)ମାନଙ୍କ ଅଭିଶାପରୁ ଦୂରେଇ ରହିବ କାରଣ ଅଲ୍ଲାଃ ଓ ସେମାନଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରିତ କାଦିଆନ୍ ୨୦୦୮)***

କୁର୍‌ଆନ୍ ପଢ଼ି ଶୁଣାଇବା ହୋଇନଥାଏ ବରଂ ଏହାର କିଛି ଅଂଶ ପଢ଼ି ଶୁଣାଇବା ହୋଇଥାଏ । ଅତଏବ **ଅଲ୍‌କୁର୍‌ଆନଲ୍ ଅଜିମ୍** ବାକ୍ୟଟି ସୁରଃ ଫାତିହା ସମ୍ବନ୍ଧରେ ଏହା ପ୍ରକାଶ କରିବା ପାଇଁ ବ୍ୟବହାର ହୋଇଛି ଯେ ଏହା ହେଉଛି କୁର୍‌ଆନେ୍ ଅଜିମ୍‌ର ଏକ ଅଂଶ, ତାହା ବାହାରେ ନୁହେଁ । ଏହି ଅର୍ଥରେ ସେହି ଲୋକମାନଙ୍କ ମତାମତକୁ ଖଣ୍ଡନ କରାଯାଇଥାଏ ଯେଉଁମାନେ ଏହା କହିଥାନ୍ତି ଯେ ସୁରଃ ଫାତିହା ପବିତ୍ର କୁର୍‌ଆନ୍‌ର ଅଂଶ ନୁହେଁ । ହଦିସ୍‌ମାନଙ୍କରେ ବି ସୁରଃ ଫାତିହାର ନାମ କୁର୍‌ଆନେ୍ ଅଜିମ୍ ବତାଯାଇଅଛି । ସୁତରାଂ ମସ୍‌ନଦ୍ ଅହ୍‌ମଦ୍ ହମ୍ବଲରେ ଅବୁ ହୁରୈରାଃଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ:ଆ:ସ କହିଛନ୍ତି:- **ହିୟା ଉମ୍ମୁଲ୍ କୁର୍‌ଆନି ୱ ହିୟସ୍ ସବଉଲ୍ ମସାନି ୱ ହିୟଲ୍ କୁର୍‌ଆନୁଲ୍ ଅଜିମ୍** (ମସ୍‌ନଦ୍ ଅହ୍‌ମଦ୍ ହମ୍ବଲ ଖଣ୍ଡ-୨, ପୃ-୪୪୮) ଅର୍ଥାତ:-ସୁରଃ ଫାତିହା ହେଉଛି ଉମ୍ମୁଲ୍ କୁର୍‌ଆନ୍, ସବଉଲ୍ ମସାନି ଏବଂ କୁର୍‌ଆନ ଅଜିମ୍ ମଧ୍ୟ ।

ଏହି ହଦିସ୍‌ର ମତଲ୍‌ବ ଏହା ନୁହେଁ ଯେ କୁର୍‌ଆନ୍ ଅଜିମ୍ ପୂରା କୁର୍‌ଆନ୍‌ର ନାମ ନୁହେଁ । ଦୁଇଟିଯାକ ଅର୍ଥ ଗୋଟିଏ ସମୟରେ କରାଯାଇପାରିବ କାରଣ ଏହି ଦୁଇଟି ଅର୍ଥ ପରସ୍ପର ବିରୋଧି ନୁହନ୍ତି । ଆହୁରି ମଧ ଏହା ଯେ ସୁରଃ ଫାତିହା ହେଉଛି କୁର୍‌ଆନ୍ ଅଜିମ୍ ଏବଂ ସମଗ୍ର କୁର୍‌ଆନ୍ ହେଉଛି କୁର୍‌ଆନ୍ ଅଜିମ୍ କାରଣ ଏହି ଦୁଇଟି ଅର୍ଥ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ରହିଛି ଏବଂ ନିଜ ନିଜର ସ୍ଥାନରେ ଠିକ୍ ଅଛନ୍ତି । ଯଦି କୁର୍‌ଆନ୍ ଅଜିମ୍‌ର ଅର୍ଥ ପୁରା କୁର୍‌ଆନ୍ କରାଯାଏ ତା'ହେଲେ ଏହାର ଅର୍ଥ ହେବ ଯେ ଆମେ ତୁମକୁ ସଂକ୍ଷିପ୍ତ କୁର୍‌ଆନ୍ ଅର୍ଥାତ ସୁରଃ ଫାତିହା ବି ଦେଇଅଛୁ ଏବଂ ତା ସହିତ ଏକ ବିସ୍ତୃତ କୁର୍‌ଆନ୍ ବି ଦେଇଅଛୁ । ଅତଏବ କେବଳ ତାହାର ଶିକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ସେହି ଲୋକମାନଙ୍କ ସହିତ ତର୍କବିତର୍କ କରିବାର ଭାବନାକୁ ତ୍ୟାଗ କରନ୍ତୁ । ଏବେ ଏପରି ସମୟ ଆସି ପହଂଚିଯାଇଛି ଯେ ମୁସଲମାନମାନଙ୍କୁ ପବିତ୍ର କୁର୍‌ଆନ୍‌ର ଭାବାର୍ଥକୁ ଖୁବ୍ ଜୋରରେ ଶିକ୍ଷା ଦିଆଯାଉ ଫଳତଃ ସେମାନେ ନୂତନ ବ୍ୟବସ୍ଥାକୁ ପରିଚାଳନା କରିବା ନିମନ୍ତେ ସକ୍ଷମ ହୁଅନ୍ତୁ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୪, ପୃ-୧୧୦ ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

କରିବାକୁ ହେଲେ ଏହା ଅତ୍ୟନ୍ତ ଜରୁରୀ ଅଟେ ଯେ ମଣିଷ ସନ୍ଦେହ ଓ କୁଧାରଣାରୁ ଦୂରେଇ ରହୁ ଏବଂ ଯଦି କାହା ବିଷୟରେ କୌଣସି ମନ୍ଦ ଭାବନା ସୃଷ୍ଟି ହୁଏ ତେବେ ସେ ବହୁମାତ୍ରାରେ ଇସ୍‌ତେଗ୍‌ଫାର୍ (ଅର୍ଥାତ ଈଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା) କରୁ ଏବଂ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରୁ ଯେ ସେ କିପରି ଏହି ପାପରୁ ଓ ଏହାର କୁପରିଣାମରୁ ରକ୍ଷା ପାଇବ ଯାହା ସେହି ବଦ୍‌ଜନି (ଅର୍ଥାତ ସନ୍ଦେହ ଓ କୁଧାରଣା) ପଛେ ପଛେ ଆସିବାକୁ ଅଛି । ଏହାକୁ କଦାପି ମାମୁଲି ଜିନିଷ ବୋଲି ଭାବିବା ଠିକ୍ ନୁହେଁ । ଏହା ଏକ ଭୟଙ୍କର ରୋଗ ଯଦ୍ୱାରା ମଣିଷ ଅତିଶୀଘ୍ର ଶେଷ ହୋଇଯାଏ ।

ସୁତରାଂ ବଦ୍‌ଜନି (ସନ୍ଦେହ ଓ କୁଧାରଣା) ମଣିଷକୁ ନଷ୍ଟ କରିଦିଏ । ଏପରି କି ଯେତେବେଳେ ନର୍କର ଅନ୍ତେବାସୀମାନେ ନର୍କରେ ନିକ୍ଷେପ ହେବେ ସେତେବେଳେ ଅଲ୍ଲାଃ ତାଲା ସେମାନଙ୍କୁ ଏହି କଥା କହିବେ ଯେ ତୁମର ପାପ ହେଉଛି ଏହା କି ତୁମେ ଅଲ୍ଲାଃଙ୍କ ଉପରେ ବଦଜନି (ଅର୍ଥାତ ସନ୍ଦେହ ଓ କୁଧାରଣା ପୋଷଣ) କରିଅଛ । କିଛି ଲୋକେ ଏପରି ବି ଅଛନ୍ତି ଯେଉଁମାନେ ଏକଥା ଭାବୁଛନ୍ତି ଯେ ଅଲ୍ଲାଃ ତାଲା ପାପୀମାନଙ୍କୁ କ୍ଷମା କରିଦେବେ ଓ ସଦାଚାରୀ (ଅର୍ଥାତ ଧାର୍ମିକ)ମାନଙ୍କୁ ଦଣ୍ଡ ଦେବେ । ଏପରି ଭାବିବା ମଧ୍ୟ ଅଲ୍ଲାଃଙ୍କ ଉପରେ ସନ୍ଦେହ କରିବା । ଏହା ଏଥିପାଇଁ ଯେ ଏହା ଦ୍ୱାରା ତାହାଙ୍କ ବିଶେଷ ଗୁଣ ନ୍ୟାୟର ବିରୁଦ୍ଧାଚରଣ ହେବ । ପୂଣ୍ୟ ଓ ପୂଣ୍ୟଫଳ ଯାହା ପବିତ୍ର କୁର୍‌ଆନ୍‌ରେ ସେ (ଅଲ୍ଲାଃ) ନିର୍ଦ୍ଧାରଣ କରିଛନ୍ତି, ତାହାକୁ ସମ୍ପୁର୍ଣ୍ଣ ରୂପେ ବେକାର ଓ ଅଦରକାରୀ ବିବେଚନା କରିବା ହେବ । ଅତଏବ ଏକଥା ମନେରଖ ଯେ ବଦ୍‌ଜନି (ସନ୍ଦେହ ଓ କୁଧାରଣା)ର ପରିଣାମ ହେଉଛି ନର୍କ । ଏହାକୁ ହାଲୁକା ଭାବରେ ନିଅନାହିଁ । ସନ୍ଦେହରୁ ନୈରାଶ୍ୟ, ନୈରାଶ୍ୟରୁ ଅପରାଧ ଓ ଅପରାଧରୁ ନର୍କ ମିଳିଥାଏ ଏବଂ ଏହା ହେଉଛି ସତ୍ୟର ମୂଳକୁ କାଟି ଦେଉଥିବା ଜିନିଷ । ତେଣୁ ତୁମେ ଏଥିପ୍ରତି ସାବଧାନ ରୁହ ଏବଂ ସିଦ୍ଦିକ୍ (ଅର୍ଥାତ ସଦାଚାରୀମାନଙ୍କ) ସିଦ୍ଧତାକୁ ପ୍ରାପ୍ତ କରିବା ପାଇଁ ପ୍ରାର୍ଥନା କର । ***(ମଲ୍‌ଫୁଜାତ, ଖଣ୍ଡ-୧, ପୃ-୩୩୬, ମୁଦ୍ରିତ କାଦିଆନ୍ ୨୦୧୮)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଏହାର ଉପଚାର ଏମିତି ହେବ ଯେ ଯେଉଁ ଲୋକମାନେ ପଛରେ ରହିଯାଇଛନ୍ତି, ସେମାନେ ନିଜର କର୍ତବ୍ୟକୁ ଅଧିକରୁ ଅଧିକ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ । ବୟତ କରାଇବାକୁ ଚେଷ୍ଟା କରନ୍ତୁ । ବହୁତ ତବ୍‌ଲିଗ୍ କରନ୍ତୁ । ଅଧିକରୁ ଅଧିକ ଲୋକମାନଙ୍କ ନିକଟରେ ଜମାତର ପରିଚୟ କରାନ୍ତୁ । ଯେଉଁ ଯୁବଗୋଷ୍ଠୀ ତଳୁ ଉପରକୁ ଉଠୁଛନ୍ତି, ଅତ୍‌ଫାଲ୍‌ମାନଙ୍କ ମଧ୍ୟରୁ ଖୁଦ୍ଦାମମାନଙ୍କ ମଧ୍ୟରୁ ଆସୁଛନ୍ତି, ସେମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଓ କର୍ତବ୍ୟ ପରାୟଣତା ସୃଷ୍ଟି କରାନ୍ତୁ ଫଳତଃ ସେମାନେ ଅଧିକରୁ ଅଧିକ ଜମାତ୍‌ର କାମକୁ ସମ୍ପାଦନ କରିପାରିବେ ।

ଦେଖନ୍ତୁ ରୋଜଗାର କରିବାପାଇଁ ସେମାନଙ୍କୁ ବାହାରକୁ ଯିବାକୁ ହିଁ ପଡ଼ିବ । ଏହାର ଉପାୟ ହେଉଛି ଏହା କି ପ୍ରଥମତଃ ସେହି ଇଲାକାଗୁଡ଼ିକରେ ବୟତ କରାନ୍ତୁ । ଦ୍ୱିତୀୟତଃ ନୂତନ ଯୁବଗୋଷ୍ଠୀମାନଙ୍କୁ ପ୍ରଶିକ୍ଷଣ ଏପରି ଦିଅନ୍ତୁ ଯେ ସେମାନେ ଏହି ଜମାତ୍‌ର କାର୍ଯ୍ୟକୁ ପରିଚାଳନା କରିପାରିବେ । ***(ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୧୫ ଜାନୁୟାରୀ ୨୦୨୧ଙ୍କୁ ଧନ୍ୟବାଦ)***

**ପ୍ରଶ୍ନ:-** ଜଣେ ବନ୍ଧୁ ହଜରତ ମସିହ୍ ମଉଦ୍ ଆ:ସଙ୍କ କଥନ ''ପବିତ୍ର କୁର୍‌ଆନ୍‌ରେ ଚୋରର ହାତ କାଟିବା ଏବଂ ଜାନି (ବ୍ୟଭିଚାରୀ) ଲୋକଙ୍କୁ ରଜମ୍ କରିବା (ଅର୍ଥାତ ଅଂଟା ପର୍ଯ୍ୟନ୍ତ ମାଟି ଭିତରେ ପୁରାଇ ତା ମୁଣ୍ଡକୁ ପଥାର ମାରି ହତ୍ୟା କରିବା) ପାଇଁ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ରହିଛି'' କିନ୍ତୁ ଏ ପ୍ରସଙ୍ଗରେ ଜଣାଇଛି ଯେ ପବିତ୍ର କୁର୍‌ଆନ୍‌ରେ ଚୋରର ହାତ କାଟିବା ବିଷୟ ତ ଉଲ୍ଲେଖ ଅଛି କିନ୍ତୁ ଜାନି (ବ୍ୟଭିଚାରୀ)କୁ ରଜମ୍ କରିବା ବିଷୟ କୌଣସି ଆୟତରେ ଉଲ୍ଲେଖ ନାହିଁ । ଏହାର କାରଣ କ'ଣ ? ଏ ସମ୍ବନ୍ଧରେ ହଜୁର ମୋର ମାର୍ଗଦର୍ଶନ କରାନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୫ ଅକ୍ଟୋବର ୨୦୧୮ରେ ଉକ୍ତ ପ୍ରଶ୍ନର ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି:-

**ଉତର:-** ଇସ୍‌ଲାମିକ୍ ଦଣ୍ଡ ବ୍ୟବସ୍ଥାରେ ସାଧାରଣତଃ ଦୁଇଟ ପାର୍ଶ୍ୱ ରହିଛି । ଗୋଟିଏ ହେଉଛି ଚରମ ଦଣ୍ଡ ଏବଂ ଅନ୍ୟଟି ଅପେକ୍ଷାକୃତ ସାମାନ୍ୟ ଦଣ୍ଡ । ସେହି ଦଣ୍ଡ ବିଧାନର ମୂଳ ଉଦ୍ଦେଶ୍ୟ ହେଉଛି ମନ୍ଦକାମରୁ ରୋକିବା ଓ ଅନ୍ୟମାନଙ୍କ ପାଇଁ ଏଥିରୁ ଏକ ଶିକ୍ଷା ମିଳିବାର ବ୍ୟବସ୍ଥା । ସୁତରାଂ ଆମେ ଏହା ଦେଖୁଥାନ୍ତି ଯେ ହଜରତ ମୁହମ୍ମଦ ସ:ଆ:ସ ଏବଂ ମହାଭାଗଙ୍କ ଖଲିଫା ରାଶିଦଙ୍କ ପବିତ୍ର ଯୁଗରେ ପ୍ରତ୍ୟେକ ପ୍ରକାରର ଚୋରଙ୍କୁ ହାତ କାଟିବାର ଦଣ୍ଡ ମିଳିନାହିଁ । ଉଦାହରଣ ସ୍ୱରୂପ ଖାଇବା ପିଇବା ପାଇଁ ଚୋରି କରିଥିବା ଚୋରକୁ କେବେ ବି ହାତ କଟାଯିବାର ଦଣ୍ଡ ମିଳିନାହିଁ । କିନ୍ତୁ ଯଦି କୌଣସି ଚୋର କୌଣସି ମହିଳାଙ୍କ ଗହଣାଗାଣ୍ଠି ଲୁଣ୍ଠନ କରିବା ସମୟରେ ମହିଳାଙ୍କ କାନ, ନାକ ଓ ହାତକୁ କ୍ଷତାକ୍ତ କରିଦିଏ ବା ମହିଳାଙ୍କର ଅଙ୍ଗକୁ କୌଣସି କ୍ଷତି ପହଂଚାଏ ଯଦ୍ୱାରା ସେ ଅକ୍ଷମ ହୋଇ ଯାଏ, ତା'ହେଲେ ଏହି ପ୍ରକାରର ଚୋରକୁ ତା' ଅପରାଧର ଦଣ୍ଡ ମିଳିଥାଏ । ଅର୍ଥାତ ଏପରି ଜଘନ୍ୟକାଣ୍ଡ ଓ ଅପରାଧ ମୁତାବକ ତାକୁ ଦଣ୍ଡ ଦିଆଯାଇଥାଏ ଓ ସେଥିଯୋଗୁଁ ତା ହାତକୁ କାଟିବାର ବିଧାନ ରହିଛି ।

ସେହିଭଳି ଯେଉଁ ବ୍ୟଭିଚାର (ଜନା) ଆପୋଷ ସହମତି ଦ୍ୱାରା କରାଯାଇଥିବ ଓ ତାହା ଇସ୍‌ଲାମୀୟ ସାକ୍ଷ୍ୟ ଅନୁସାରେ ପ୍ରମାଣିତ ହୁଏ ତା'ହେଲେ ଉଭୟଙ୍କୁ ଶହେ ଥର ଚାବକୁ (କୋରଡ଼ା) ମାଡ଼ ଦେବାକୁ ଦଣ୍ଡ ବିଧାନ ରହିଛି । କିନ୍ତୁ ଯେଉଁ ଜନା (ବ୍ୟଭିଚାରରେ) ଧର୍ଷଣ କରାଯାଇଥିବ ଓ ସେଥିରେ ଅତ୍ୟନ୍ତ ବର୍ବରତାର ସହିତ କାମ ନିଆଯାଇଥିବ ବା ଏପରି କୌଣସି ବ୍ୟଭିଚାରୀ ଯିଏ ଛୋଟ ପିଲାମାନଙ୍କୁ ନିଜର ଶିକାରରେ ଫସାଇ ତାକୁ ନିର୍ଯ୍ୟାତନା ଦେବା ପାଇଁ ଏପରି ଘୃଣ୍ୟ କାର୍ଯ୍ୟ କାରିଥିବ, ତେବେ ଏପରି ଜାନିର ଦଣ୍ଡ କେବଳ ୧୦୦ (ଶହେ) କୋରାଡ଼ା ଚାବୁକ ମାଡ଼ ହୋଇ ନପାରେ । ଏହିପରି ଜାନି (ବ୍ୟଭିଚାରୀ)କୁ ପବିତ୍ର କୁର୍‌ଆନ୍‌ର ସୁରଃ ଅଲ୍‌ମାଇଦାଃ ଆୟତ ନଂ-୩୪ ଓ ସୁରଃ ଅହ୍‌ଜାବ୍‌ର ଆୟତ ନଂ- ୬୧-୬୩ରେ ବର୍ଣ୍ଣିତ ଆଦେଶ ମୁତାବକ ହତ୍ୟା ଓ ସଙ୍ଗସାର (ଅର୍ଥାତ ପଥର ଛେଚି ମାରିବା) ଭଳି ଚରମ ଦଣ୍ଡ ମଧ ମିଳିପାରେ । କିନ୍ତୁ ଏପରି ଦଣ୍ଡ ବିଧାନ କରିବାର ନିଷ୍ପତି ଓ କ୍ଷମତା ସରକାରଙ୍କୁ ଦିଆଯାଇଅଛି ଏବଂ ଏହି ଶିକ୍ଷା ଜରିଆରେ ସାଧାରଣତଃ ସରକାରଙ୍କ ପାଇଁ ଗୋଟିଏ ରାସ୍ତା ଖୋଲି ଦିଆଯାଇଛି

ଅତଏବ ଏହି ପବିତ୍ର କୁର୍‌ଆନ୍‌ର ଆୟତ ଅନୁଯାୟୀ ହଜରତ ମସିହ୍ ମଉଦ୍ ଆ:ସ ମଧ ଏହି ପ୍ରକାରର ବ୍ୟଭିଚାରୀ (ଧର୍ଷଣକାରୀ) ଲୋକ ନିମନ୍ତେ ସଙ୍ଗସାରୀ (ଅର୍ଥାତ ପଥର ଫିଙ୍ଗି ମାରିବାର) ଦଣ୍ଡ ବ୍ୟବସ୍ଥା ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ରହିଛି ବୋଲି ଚର୍ଚ୍ଚା କରିଛନ୍ତି ।

***କ୍ରମଶଃ......***

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ଖଲିଫାମାନଙ୍କ ଉପରେ କୌଣସି ବିପତି ଓ ଆପଦ ଆସିନାହିଁ ଯେଉଁଥିରେ ସେମାନେ ଭୟଭୀତ ହୋଇପଡ଼ିଥିବେ । ଯଦି ବି କୌଣସି ବିପତି ଆସିଛି, ଅଲ୍ଲାଃ ତାଲା ସେହି ପରିସ୍ଥିତିକୁ ଶାନ୍ତି ଓ ନିରାପତାରେ ବଦଳାଇଦେଇଛନ୍ତି'' । (ହଜରତ ମୁସ୍‌ଲେହ ମଉଦ୍ ର:ଅ)

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।**

**ହଜରତ ଉମର୍ ର:ଅଙ୍କ ଶହୀଦ ହେବାର ଘଟଣା ଓ ତା' ପଛରେ ଥିବା କାରଣ ଗୁଡ଼ିକର ବିସ୍ତୃତ ବିଶ୍ଲେଷଣ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୧୫ ଅକ୍ଟୋବର ୨୦୨୧ ଅନୁଯାୟୀ ୧୫ ଇଖା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ଉମର୍ ର:ଅଙ୍କ ଶହୀଦ୍ ହେବା ଘଟଣା ବିଷୟରେ ଗତ ଖୁତ୍‌ବାରେ କରାଯାଇଥଲା । ଏ ସମ୍ବନ୍ଧରେ ଆଉ କିଛି ବର୍ଣ୍ଣନାଯୋଗ୍ୟ କଥା ରହିଛି । ହଜ୍‌ରତ୍ ଉମର୍ ର:ଅଙ୍କ ଶାହାଦତ୍ ସଂକ୍ରାନ୍ତରେ ସହୀ ବୁଖାରୀର ବର୍ଣ୍ଣନାରୁ ଜଣାପଡ଼େ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ଆକ୍ରମଣ ନମାଜ ଫଜର ସମୟରେ ହୋଇଥିଲା ଓ ସେତେବେଳେ ହଜରତ ଉମର ର:ଅ ମସ୍‌ଜିଦ୍‌ରେ ହିଁ ଉପସ୍ଥିତ ଥିଲେ । ଅନ୍ୟ ଏକ ରିୱାୟତ୍‌ରେ ଏହା ଉଲ୍ଲେଖ ରହିଛି ଯେ ସଙ୍ଗେ ସଙ୍ଗେ ହଜରତ ଉମର ର:ଅଙ୍କୁ ଘରକୁ ନେଇ ନିଆଗଲା ଓ ଫଜର୍ ନମାଜ ପରେ ପଢ଼ାଗଲା । ଯେମିତି କି ବୁଖାରୀର ବ୍ୟାଖ୍ୟାକାରୀ ଅଲ୍ଲାମା ଇବ୍‌ନେ ହଜର୍ ଏହି ରିୱାୟତ୍ (ବର୍ଣ୍ଣନା) ତଳେ ଆଉ ଏକ ରିୱାୟତ ଉଦ୍ଧୃତ କରି ଲେଖିଛନ୍ତି ଯେ ହଜରତ ଇବ୍‌ନେ ଅବ୍‌ବାସ ର:ଅ କୁହନ୍ତି; ହଜ୍‌ରତ୍ ଉମର୍ ର:ଅଙ୍କର ଅଧିକ ରକ୍ତସ୍ରାବ ହେବା ଯୋଗୁଁ ସେ ନିସ୍ତେଜ ଓ ଚେତାଶୂନ୍ୟ ହୋଇ ଯାଇଥିଲେ । ମୁଁ ଅନ୍ୟମାନଙ୍କ ସହିତ ମିଶି ତାଙ୍କୁ ଉଠାଇ ତାଙ୍କ ଘରେ ପହଂଚାଇ ଦେଲି । ସକାଳର ସୂର୍ଯ୍ୟାଲୋକ ସ୍ପଷ୍ଟ ଭାବରେ ଆଲୋକିତ ହେବା ପର୍ଯ୍ୟନ୍ତ ହଜରତ ଉମର୍ ର:ଅ ଅଚେତ ଅବସ୍ଥାରେ ଥିଲେ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଚେତା ଫେରିଲା ସେତେବେଳେ ସେ ଆମକୁ ଚାହିଁ ପଚାରିଲେ ଯେ, କଣ ତୁମେମାନେ ଫଜର୍ ନମାଜ ପଢ଼ି ସାରିଲଣି ? ମୁଁ କହିଲି ଆଜ୍ଞା ହଁ ! ହଜ୍‌ରତ୍ ଉମର୍ ର:ଅ ଏଥିରେ କହିଲେ ଯେଉଁ ବ୍ୟକ୍ତି ଫଜର୍ ନମାଜ ପଢ଼େନାହିଁ ଇସ୍‌ଲାମ୍ ଧର୍ମ ସହିତ ତାହାର କୌଣସି ସମ୍ପର୍କ ନାହିଁ । (ଅର୍ଥାତ ବିଶ୍ୱାସକୁ ହାତଛଡ଼ା କରିଦେଇଥାଏ) ଏହାପରେ ହଜ୍‌ରତ୍ ଉମର୍ ର:ଅ ୱୁଜୁ କଲେ ଓ ନମାଜ ପାଠ କଲେ । ***(ଫତ୍‌ହୁଲ୍ ବାରି, ଖଣ୍ଡ-୭, ପୃ-୬୪, ଶରହ୍ ହଦିସ୍ ନଂ-୩୭୦୦) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୬୩............ ବେରୁତ ୧୯୯୦)***

ତବକାତୁଲ୍ କୁବ୍‌ରାରେ ମଧ୍ୟ ଏହା ବର୍ଣ୍ଣିତ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କୁ ଘରେ ପହଂଚାଇବା ପରେ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ନମାଜ ପଢ଼ାଇଥିଲେ ଏବଂ ଏକଥା ମଧ୍ୟ ଉଲ୍ଲେଖ ରହିଛି ଯେ ସେହି ନମାଜରେ ସେ ଦୁଇଟି ଛୋଟ ସୁରାଃ ଅର୍ଥାତ ସୁରେ ଅସର୍ ଓ ସୁରେ କୌସର ପଢ଼ାଇଥିଲେ ଏବଂ ଆଉ ଏକ ସ୍ଥଳେ ଉଲ୍ଲେଖ ରହିଛି ଯେ, ଆପଣ ଅର୍ଥାତ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ସୁରେଃ ଅସର ଓ ସୁରେ କାଫିରୁନ୍ ପାଠ କରାଇଥିଲେ ।
***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୬୬........ ବେରୁତ ୧୯୯୦)***

ହଜରତ ଉମର୍ ର:ଅଙ୍କ ହତ୍ୟାକାରୀ ସମ୍ବନ୍ଧରେ ତବକାତେ କୁବ୍‌ରାରେ ଉଲ୍ଲେଖ ରହିଛି ଯେ ଯେତେବେଳେ ହଜରତ ଉମର୍ ର:ଅଙ୍କ ଉପରେ ଆକ୍ରମଣ ହେଲା ସେତେବେଳେ ସେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବାସ୍ ର:ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ: ଯାଇ ଦେଖ ତ କିଏ ମତେ ହତ୍ୟା କରିବା ପାଇଁ ଚେଷ୍ଟା କରିଛି ? ଅବ୍‌ବାସ ର:ଅ ଯେତେବେଳେ ଲୋକମାନଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ଛୁରା ମାଡ଼ କରିଥିବା ହତ୍ୟାକାରୀ ସମ୍ପର୍କରେ ପଚାରିଲେ ସେତେବେଳେ ଲୋକମାନେ ହଜରତ ମୁଗିରା ବିନ୍ ଶୈବାଙ୍କ ଦାସ ଅବୁ ଲୁଲୁଙ୍କ ନାମ ନେଇଥିଲେ ଓ ସେ ଧରାପଡ଼ିବା ପରେ ନିଜେ ନିଜକୁ ଛୁରୀମାରି ଆତ୍ମ ହତ୍ୟା କରିଥିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୬୩ ........ ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଉମର୍ ର:ଅଙ୍କ ଶହୀଦ ହେବା କ'ଣ ଏକ ଷଡ଼ଯନ୍ତ୍ର ଥିଲା ଅବା କୌଣସି ବ୍ୟକ୍ତିଗତ ଶତୃତା ଯୋଗୁଁ ଏଭଳି ନାରକୀୟ କାଣ୍ଡ ଶତ୍ରୁ ଭିଆଇଥିଲା । ଏ ପ୍ରସଙ୍ଗରେ ଐତିହାସିକମାନେ କୁହନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଶାହାଦତ୍ କେବଳ କୌଣସି ବ୍ୟକ୍ତିଗତ ଶତ୍ରୁତା ଆଧାରରେ ନଥିଲା ବରଂ ଏହା ଏକ ଷଡ଼ଯନ୍ତ୍ର ଥିଲା । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କ ପରି ବୀର ଖଲିଫାଙ୍କୁ ଯେପରି ଶହୀଦ କରିଦିଆଗଲା ଆମେ ଦେଖିଥାଉ ଯେ, ଅବୁ ଲୁଲୁ ଫିରୋଜ ସାମୟିକ ଉତେଜିତ ଓ କ୍ରୋଧରେ କ୍ରୋଧ୍ୱାନିତ ହୋଇ ହଜ୍‌ରତ୍ ଉମର୍ ର:ଅଙ୍କ ଉପରକୁ ଆକ୍ରମଣ କରିଥିଲା ଏବଂ ଆପଣଙ୍କୁ ଶହୀଦ କରିଦେଇଥିଲା । କିନ୍ତୁ ଏହି ଯୁଗର କେତେକ ଐତିହାସିକ ତଥା ଜୀବନୀ ଲେଖାଳୀମାନେ ଏହି ପ୍ରସଙ୍ଗରେ ବିସ୍ତୃତ ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ଯେ, ଏହା କେବଳ ଜଣେ ବ୍ୟକ୍ତିର କ୍ରୋଧର ପରିଣାମ ନୁହେଁ ବରଂ ପୂର୍ବରୁ ବିଧିବଦ୍ଧ ଭାବରେ ଯୋଜନା ପ୍ରସ୍ତୁତ କରାଯାଇ ଏପରି ବା ଷଡ଼ଯନ୍ତ୍ର କରାଯାଇଥିଲା ଓ ହଜରତ ଉମର ର:ଅଙ୍କୁ ହତ୍ୟା କରାଯାଇଥିଲା ଓ ଏହି ଷଡ଼ଯନ୍ତ୍ରରେ ପ୍ରଶିଦ୍ଧ ଇରାନୀ କମାଣ୍ଡର ହୁର୍ମଜାନ୍ ମଧ୍ୟ ସାମିଲ ଥିଲା ଓ ସେ ମୁସଲମାନ ହୋଇ ମଦିନାରେ ରହୁଥିଲା । ଏବେକାର ଐତିହାସିକମାନେ ପୁରାତନ ଇତିହାସକାରମାନଙ୍କ ସମ୍ବନ୍ଧରେ ଅଭିଯୋଗ କରିଛନ୍ତି ଯେ କାହିଁକି ସେମାନେ ଏପରି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ତର୍କ କରିନାହାନ୍ତି ଯେ ଏହା ଏକ ଷଡ଼ଯନ୍ତ୍ର ଥିଲା ।

ସେ ଯାହା ହେଉ ଇତିହାସ ଓ ଜୀବନୀ ଭଳି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ **ଅଲ୍ ବଦାୟାହ୍ ୱ୍‌ନ୍‌ନହାୟି**ରେ ହଜ୍‌ରତ୍ ଉମର୍ ର:ଅଙ୍କୁ ହତ୍ୟା କରିବାର ହୁର୍ମଜାନ ଏବଂ ଜୁଫିନାର ହାତ ଥିଲା । ***(ଅଲ୍‌ବିଦାୟିୟା ୱ୍ ନହାୟା, ଖଣ୍ଡ-୪, ପୃ-୧୪୪.....)***

ସାଂପ୍ରତିକ କେତେକ ଐତିହାସିକ ହଜ୍‌ରତ୍ ଉମର୍ ର:ଅଙ୍କ ହତ୍ୟାକୁ ନିୟମିତ ତଥା ପ୍ରାୟୋଜିତ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବିବେଚିତ କରିଛନ୍ତି ଏବଂ ମଦିନାରେ ବାସ କରୁଥିବା ଉପର ଠଉରିଆ ଇରାନୀୟ ମୁସଲମାନମାନଙ୍କ ସେନାପତି ହୁର୍ମଜାନକୁ ତହିଁରେ ସାମିଲ ଥିବାରେ ବୋଲି ମନେ କରୁଥିଲେ ।

ଏହି ଲେଖକମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ମୁହମ୍ମଦ ରଜା ସାହେବ ସେ ନିଜର ପୁସ୍ତକ ସିରତ୍ ଉମର୍ ଫାରୁକ୍ ର:ଅରେ ଉଲ୍ଲେଖ କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ କୌଣସି ସାବାଳକ କଏଦିକୁ ମଦିନା ଆସିବାକୁ ଅନୁମତି ଦେଉନଥିଲେ ଏହି ସମୟରେ କୁଫାର ୱାଲି ଅର୍ଥାତ ଶାସକ ହଜରତ ମୁଗିରା ବିନ୍ ଶୈବା ର:ଅଙ୍କ ସୁପାରିଶ କ୍ରମେ ତାଙ୍କର ଏକ ଶିଳ୍ପକାର ଦାସ ଅବୁ ଲୁଲୁକୁ ଯିଏ ଯିଏ ଜଣେ କମାର ଥିଲା, ଜଣେ ଚିତ୍ରକାରୀ, ଜଣେ ଶିଳ୍ପୀ ଓ ଜଣେ ସୁଦକ୍ଷ ବଢ଼େଇ ଥିଲା ତାକୁ ମଦିନା ଆସିବା ପାଇଁ ଅନୁମତି ପ୍ରଦାନ କରିଦେଇଥିଲେ । ହଜରତ ମୁଗିରା ର:ଅ ତା' ଉପରେ ମାସିକ ୧୦୦ ଦିରହମ୍ କର ଧାର୍ଯ୍ୟ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ସେହି କର ତା' କାମରେ ଅଭିଜ୍ଞତା ଯୋଗୁଁ ହିଁ ଧାର୍ଯ୍ୟ କରିଥିଲେ । ତେଣୁ ସେ ହଜରତ ଉମର୍‌ଙ୍କ ନିକଟରେ ଅଭିଯୋଗ କଲା । ହଜରତ ଉମର ର:ଅ ତାକୁ ପଚାରିଲେ: ତୁମେ କେଉଁ କାମ ଭଲ ଭାବରେ କରିପାର ? ସେ ତା'ର ଏପରି କାମ ବିଷୟରେ ଜଣାଇଲା ଯେଉଁ କାମ ତାକୁ ବହୁତ ଭଲ ଭାବରେ ଜଣାଥିଲା । ତା'ର ଏଭଳି ଦକ୍ଷତା ଯୋଗୁଁ ସେ ଅର୍ଥ ଉପାର୍ଜନ କରିପାରୁଥିଲା ତେଣୁ ତା'ର ମାଲିକ ଏହି କରଧାର୍ଯ୍ୟ କରିଥିଲେ ଏବଂ ତାହାକୁ ହଜ୍‌ରତ୍ ଉମର୍ ର:ଅ ସମର୍ଥନ କରିଥିଲେ ଯେ ତା'ର ଏଭଳି କର ଦେବା ଉଚିତ ତେଣୁ ସେ ହଜ୍‌ରତ୍ ଉମର୍ ର:ଅଙ୍କର ଏହି ନିଷ୍ପତିରେ ସେ ଅପ୍ରସନ୍ନ ଓ ରୁଷ୍ଟ ହୋଇଥିଲା । ଦିନେ ହଜ୍‌ରତ୍ ଉମର୍ ର:ଅ ତାକୁ ପବନଚାଳିତ ଚକ୍ରି ତିଆରି କରିବାପାଇଁ କହିଲେ

ଅର୍ଥାତ ନିଜ ପାଇଁ ଏକ ଚକି ତିଆରି କରିବାପାଇଁ ତାକୁ ହଜ୍‌ରତ୍ ଉମର୍ ର:ଅ କହିଥିଲେ ଏଥିରେ ଅବୁ ଲୁଲୁ କ୍ରୋଧରେ ଏବଂ ଅପ୍ରସନ୍ନତା ଅବସ୍ଥାରେ ଧମକ ଦେଇ କହିଲା ମୁଁ ଆପଣଙ୍କ ପାଇଁ ଏଭଳି ଏକ ଚକ୍ରି ପ୍ରସ୍ତୁତ କରିବି ଯାହା ସମ୍ବନ୍ଧରେ ଲୋକମାନେ ଚର୍ଚ୍ଚା କରିବେ ଯେତେବେଳେ ସେହି କ୍ରୀତଦାସ ଜଣକୁ ପଛକୁ ଓଲଟିଲା ସେତେବେଳେ ହଜରତ ଉମର୍ ର:ଅ ନିଜ ପାଖରେ ଥିବା ସାହାବିମାନଙ୍କୁ କହିଲେ, ଏହି ଗୁଲାମ ଜଣକ ବର୍ତମାନ ମତେ ଧମକ ଦେଇ ଚାଲିଗଲା । କିଛି ଦିନ ପରେ ଅବୁ ଲୁଲୁ ଅର୍ଥାତ ସେହି ଗୁଲାମ ନିଜର ଚଦର ଭିତରେ ଦୁଇଧାରୀ ଛୁରୀ ଲୁଚାଇ ରଖିଥିଲା ଯାହାର ମୁଠା ତାହାର ମଧ୍ୟଭାଗରେ ରହିଥିଲା ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ତାହା ମାଧ୍ୟମରେ ଅର୍ତକିତ ଭାବରେ ସେ ଆକ୍ରମଣ କରିଦେଲା ଯେପରି କି ପୂର୍ବରୁ ଆଲୋଚନା କରିଆସିଲି । ତାହାର ପ୍ରଥମ ଆକ୍ରମଣ ହଜ୍‌ରତ୍ ଉମର୍ ର:ଅଙ୍କ ନାଭିର ନିମ୍ନଭାଗରେ ଲାଗିଥିଲା । ଅବୁ ଲୁଲୁ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ଈର୍ଷା ଓ ଦ୍ୱେଷ ଭାବ ରଖୁଥିଲା କାରଣ ଆରବ ତାହା ଦେଶକୁ ଜୟ କରି ତାକୁ ବନ୍ଦି କରିନେଇଥିଲେ । ତାହାର ସମ୍ରାଟକୁ ଅପମାନିତ କରି ଦେଶରୁ ବିତାଡ଼ିତ କରିଦେଇଥିଲେ । ଯେତେବେଳେ ସେ କୌଣସି ବାଳକ କଏଦୀକୁ ଦେଖୁଥିଲା ସେତେବେଳେ ତାହା ନିକଟକୁ ଯାଇ ତା ମୁଣ୍ଡ ଆଉଁସି ଦେଉଥିଲା ଏବଂ କହୁଥିଲା ଆରବୀମାନେ ମୋର ହୃଦୟକୁ କ୍ଷତାକ୍ତ କରିଦେଇଛନ୍ତି । ଯେତେବେଳେ ଅବୁ ଲୁଲୁ ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରିବାପାଇଁ ଦୃଢ଼ ସଂକଳ୍ପ କଲା ଓ ଗୋଟିଏ ମଧ୍ୟମ ଧରଣର ଏକ ମୁଠା ଥିବା ଦୁଇ ଧାରି ଛୁରୀ ପ୍ରସ୍ତୁତ କରି ତହିଁରେ ବିଷ ଲଗାଇ ଇରାନୀୟ ସେନାପତି ହର୍ମଜାନ ଯିଏ ମଦିନାରେ ମୁସଲମାନ ହୋଇ ଦେଖାଇଲା ଏବଂ ତାକୁ ପଚାରିଲା ଯେ ଏହି ଛୁରୀ ତୁମକୁ କେମିତି ଲାଗିଲା ? ଏଥିରେ ହୁର୍ମଜାନ୍ ତାକୁ କହିଲା ଯେ, ଏହି ଛୁରୀ ଦ୍ୱାରା ଯାହା ଉପରେ ବି ଆକ୍ରମଣ କରାଯିବ କ'ଣ ତା'ର ପରିଣାମ ହେବ । ଏଥିରେ ସେ କହିଥିଲେ ଯେ, ଏଥିରେ ତ ତାହାର ନିଶ୍ଚିତ ରୂପେ ମୃତ୍ୟୁ ଘଟିବ । ହୁର୍ମଜାନକୁ ମୁସଲମାନମାନେ ତୁସ୍ତର ନାମକ ସ୍ଥାନରେ ବନ୍ଦୀ କରି ରଖିଥିଲେ ତା'ପରେ ତାକୁ ମଦିନା ପ୍ରେରଣ କରିଦିଆଯାଇଥିଲା । ଯେତେବେଳେ ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖିଲେ ସେତେବେଳେ ପଚାରିଲେ ତାଙ୍କର ଦରଓ୍ୱାନ୍ କାହାନ୍ତି ଯେପରି କି ପୂର୍ବେ ଆଲୋଚନା କରି ଆସିଲି । ଏଥିରେ ସାହାବାମାନେ କହିଲେ ଯେ ତାଙ୍କର କେହି ଦରଓ୍ୱାନ୍ ନାହାନ୍ତି, କୌଣସି ସିକ୍ୟୁରିଟି ନାହାନ୍ତି ନା କୌଣସି ସେକ୍ରେଟାରୀ ଅଛନ୍ତି ଓ ନା କୌଣସି ଦିଓ୍ୱାନ ଅଛନ୍ତି । ତା'ପରେ ସେ କହିଲା ତା'ହେଲେ ସେ (ଅର୍ଥାତ ହଜରତ ଉମର୍ ର:ଅ) ତ' ନବୀ ହେବା ଉଚିତ । ସେ ଯାହା ହେଉ ସେ ଏହାପରେ ମୁସଲମାନ ହୋଇଗଲା । ହଜ୍‌ରତ୍ ଉମର୍ ର:ଅ ତାଙ୍କ ପାଇଁ ଦୁଇହଜାର ଟଙ୍କା ଭତା ଧାର୍ଯ୍ୟ କରିଦେଲେ ଏବଂ ତାଙ୍କୁ ମଦିନାରେ ରହିବାକୁ ଦେଲେ ।

ତବ୍‌କାତେ ଇବ୍‌ନେ ସାଆଦ୍'ରେ ନାଫେଙ୍କ ବର୍ଣ୍ଣନାନୁଯାୟୀ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ହର୍ମଜାନ ଓ ଜଫିନା ନିକଟରେ ସେହି ଛୁରୀକୁ ଦେଖିଲେ । ଯେଉଁ ଛୁରୀ ଦ୍ୱାରା ହଜ୍‌ରତ୍ ଉମର୍ ର:ଅଙ୍କୁ ଶହଦୀ କରାଯାଇଥିଲା । ଛୁରୀକୁ ଦେଖିବା ପରେ ସେ ତାଙ୍କୁ (ଅର୍ଥାତ ସେହି ଦୁଇଜଣଙ୍କୁ) ପଚାରିଲେ ତୁମେ ଏହି ଛୁରୀ ଦ୍ୱାରା କ'ଣ କରିଥାଅ ? ସେମାନେ କହିଲେ ଆମେ ଏହି ଛୁରୀ ଦ୍ୱାରା ମାଂସ କାଟିଥାଉ କାରଣ ଆମେ ମାଂସକୁ ହାତରେ ଧରି ନଥାଉଁ । ଏକଥା ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ହଜରତ ଅବ୍‌ଦୁର୍ ରହ୍‌ମାନ୍ ର:ଅଙ୍କୁ ପଚାରିଲେ: କ'ଣ ଆପଣ ସେହି ଛୁରୀକୁ ସେ ଦୁଇଜଣଙ୍କ ନିକଟରେ ଦେଖିଥିଲେ କି ? ସେ କହିଲେ ହଁ । ତା'ପରେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ନିଜର ତରବାରୀ ସାହାଯ୍ୟରେ ସେହି ଦୁଇଜଣଙ୍କୁ ହତ୍ୟା କରିଦେଲେ । ହଜରତ ଉସ୍‌ମାନ୍ ବିନ୍ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍‌ଙ୍କୁ ଡ଼ାକି ପଚାରିଲେ ଯେ ସେହି ଦୁଇଜଣଙ୍କୁ ହତ୍ୟା କରିବା ପାଇଁ ତୁମକୁ କିଏ ଉସୁକାଇଲା ? ସେହି ଦୁଇଜଣ ଆମ ସୁରକ୍ଷାରେ ଥିଲେ । ଏକଥା ଶୁଣିବା ପରେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ହଜରତ ଉସ୍‌ମାନ୍ ର:ଅଙ୍କୁ ଧରି ତଳେ ପକାଇଦେଲେ । ପୁଣି ଲୋକମାନେ ଆଗକୁ ବଢ଼ି ହଜରତ ଉସ୍‌ମାନ୍‌ଙ୍କୁ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍‌ଙ୍କ ଆକ୍ରମଣରୁ ବଂଚାଇଲେ ।

ଅପରପକ୍ଷରେ ତବ୍‌ରୀରେ ଚର୍ଚ୍ଚିତ ସଇଦ୍ ବିନ୍ ମୁସୈବ୍ ର:ଅଙ୍କ ବର୍ଣ୍ଣନାନୁଯାୟୀ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ବକ୍କର ସେହି ଛୁରୀକୁ ଦେଖିଥିଲେ, ଯାହ ଅବୁ ଲୁଲୁ, ଜଫିନା ଏବଂ ହର୍ମଜାନଙ୍କ ନିକଟରେ ଥିଲା ଏବଂ ସେମାନେ ଅତର୍କିତ ଭାବରେ ଖସି ଯିବାରୁ ତାଙ୍କ ମଧ୍ୟରେ ତାହା ଖସି ପଡ଼ିଥିଲା ଅର୍ଥାତ ଛୁରୀଟି ଖସି ପଡ଼ିଥିଲା ହଜରତ ଉବୈଦୁଲ୍ଲା ବିନ୍ ଉମର ର:ଅଙ୍କୁ ଯେତେବେଳେ ଉକ୍ତ କଥା ସମ୍ପର୍କରେ ଜ୍ଞାତ ହେଲା ଅର୍ଥାତ ଏହି ଷଡ଼ଯନ୍ତ୍ର ସଂକ୍ରାନ୍ତରେ ସେ ଜାଣିବାକୁ ପାଇଲେ ସେତେବେଳେ ସେ ନିଜର ତରବାରୀ ଦ୍ୱାରା ଉଭୟଙ୍କୁ ବଦ୍ଧ କରିଦେଇଥିଲେ, ଅର୍ଥାତ ସେହି ଦୁଇଜଣଙ୍କୁ ନୀପାତ କରିଦେଇଥିଲେ । ହଜରତ ଉସ୍‌ମାନ୍ ର:ଅ ହଜରତ ଅବି ଅବ୍‌ଦୁଲ୍ଲାଙ୍କୁ ଡ଼କାଇଲେ ଯେତେବେଳେ ସେ ତାଙ୍କ ନିକଟକୁ ଆସିଲେ ସେତେବେଳେ ସେ ତାଙ୍କୁ ପଚାରିଲେ ଆପଣଙ୍କୁ ସେହି ଦୁଇ ବ୍ୟକ୍ତିଙ୍କୁ ହତ୍ୟା କରିବାରେ କେଉଁ କାରଣ ବାଧକ ସାଜିଲା ଯେତେବେଳେ କି ସେ ଦୁହେଁ ଆମ ଅଧିନରେ ଥିଲେ ତେଣୁ ତାଙ୍କୁ ହତ୍ୟା କରିବାର କ'ଣ ଆବଶ୍ୟକତା ଥିଲା ? ତାଙ୍କ ପାଇଁ ନିୟମାନୁଯାୟୀ ଦଣ୍ଡାଦେଶ ଶୁଣାଯାଇଥାନ୍ତା । ଏହା ଶୁଣିବା ମାତ୍ରେ ହଜରତ ଉବୈଦୁଲ୍ଲା ହଜରତ ଉସ୍‌ମାନ୍ ର:ଅଙ୍କୁ ଧରି ତଳେ ପକାଇଦେଲେ ଏପରି କି ଲୋକେ ଆଗକୁ ବଢ଼ି ହଜରତ ଉବୈଦୁଲ୍ଲାଙ୍କଠାରୁ ହଜରତ ଉସ୍‌ମାନ୍‌ଙ୍କୁ ରକ୍ଷା କରିଥିଲେ ଯେତେବେଳେ ହଜରତ ଉସ୍‌ମାନ୍ ତାଙ୍କୁ ଡ଼କାଇଥିଲେ ସେତେବେଳେ ହଜରତ ଉବୈଦୁଲ୍ଲା ବିନ୍ ଉମର ର:ଅ ଖଣ୍ଡା ମିଆଣରୁ ବାହାର କରିନେଇଥିଲେ ଯଦ୍ୱାରା ହଜରତ ଅବ୍‌ଦୁର୍ ରହ୍‌ମାନ୍ ତାଙ୍କ ଉପରେ ଉତ୍ୟକ୍ତ ହେବାରୁ ସେ ପୁନଶ୍ଚ ଖଣ୍ଡାକୁ ମିଆଣରେ ରଖି ଦେଇଥିଲେ । ସଇଦ୍ ବିନ୍ ମୁସୈବ୍ ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଶହୀଦ ହେଲେ ସେହି ବର୍ଣ୍ଣନା କେଉଁ ପର୍ଯ୍ୟନ୍ତ ସତ୍ୟ ତାହା ଅଲ୍ଲାଃ ତାଲା ଯିଏକି ତତ୍ତ୍ୱଜ୍ଞ ସେ ବେଶ୍ ଭଲ ରୂପେ ଅବଗତ ଯେଉଁଥିରେ ହତ୍ୟାର ଘଟଣା ଓ ସ୍ଥାନ ଉଲ୍ଲେଖ ରହିଛି । ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବୁବକର କହିଲେ ଯେତେବେଳେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ହତ୍ୟାକାରୀ ଅବୁ ଲୁଲୁର ନିକଟ ଦେଇ ଅତିକ୍ରମ କଲି ଯେତେବେଳେ ଜୁଫିନା ଓ ହୁର୍ମଜାନ ତାଙ୍କ ସାଥିରେ ରହିଥିଲେ ଏବଂ ସେମାନେ ଟୁପୁରଟାପର ହେଉଥିଲେ । ଯେତେବେଳେ ମୁଁ ତାଙ୍କ ନିକଟକୁ ଗଲି ଅର୍ଥାତ ହଠାତ୍ ତାଙ୍କ ନିକଟରେ ପହଂଚିଲି ସେମାନେ ସେଠାରୁ ଖସି ପଳାୟନ କଲେ ଗୋଟିଏ ଅସ୍ତ୍ର ସେମାନଙ୍କ ନିକଟରୁ ଖସି ପଡ଼ିଲା ଯାହାର ଦୁଇଟି ଫଳକ ରହିଥିଲା ତାହାର ମୁଠା ତାହାର ମଧ୍ୟ ଭାଗରେ ରହିଥିଲା । ଅତଃ ମୁଁ ଦେଖିଲି ଯେ ଯେଉଁ ଅସ୍ତ୍ର ଦ୍ୱାରା ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରାଯାଇଛି ତାହା କେଉଁ ପ୍ରକାରର । ଯେତେବେଳେ ତାହା ଦେଖିଲେ ତାହାକୁ ଠିକ୍ ସେହିପରି ପାଇଲେ ଯେପରି କି ଅବଦ୍ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ବର୍ଣ୍ଣନା କରିଥିଲେ ।

ଯେତେବେଳେ ହଜରତ ଅବୁ ଉବୈଦୁଲ୍ଲାଃ ବିନ୍ ଉମର୍ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ବକରଙ୍କଠାରୁ ଏକଥା ଶୁଣିଲେ ସଙ୍ଗେ ସଙ୍ଗେ ଖଣ୍ଡା ଧରି ବାହାରକୁ ବାହାରିଲେ ଏବଂ ହୁର୍ମଜାନକୁ ଡ଼ାକ ପକାଇଲେ ଯେତେବେଳେ ସେ ତାଙ୍କ ନିକଟକୁ ଆସିଲା ସେ କହିଲା ମୋ ସାଥିରେ ଚାଲ ଅର୍ଥାତ ଉବୈଦୁଲ୍ଲାଃ ତାଙ୍କୁ କହିଲେ ଆମେ ଆମ ଘୋଡ଼ାକୁ ଦେଖିବା ଏବଂ ସେ ତାଙ୍କ ପଛରୁ ହଟିଗଲା । ଅର୍ଥାତ ଉବୈଦୁଲ୍ଲାଃ ତାଙ୍କ ପଛକୁ ରହିଯାଇଥିଲେ ଏବଂ ହର୍ମଜାନ ଆଗରେ ଚାଲିଥିଲେ ସେତେବେଳେ ସେ ହୁର୍ମଜାନ ଉପରେ ହଠାତ୍ ଖଣ୍ଡା ଦ୍ୱାରା ଆକ୍ରମଣ କରିଦେଲେ ଏବଂ ତାଙ୍କୁ ନିହତ କରିଦେଇଥିଲେ । ଅନ୍ୟ ଏକ ସ୍ଥାନରେ ବର୍ଣ୍ଣିତ ରହିଛି ଯେ, ହଜରତ ଉବୈଦୁଲ୍ଲା ବିନ୍ ଉମର ର:ଅ ଯେତେବେଳେ ହର୍ମଜାନ ଉପରେ ଖଡ୍ଗ ଦ୍ୱାରା ଆକ୍ରମଣ କଲେ ସେତେବେଳେ ସେ **ଲା ଇଲ୍ଲାହା ଇଲ୍ଲଲ୍ଲାଃ** ପାଠ କରିଥିଲା ଏବଂ ଯେତେବେଳେ ଜଫିନା ଉପରେ ଖଡ୍ଗ ଦ୍ୱାରା ଆକ୍ରମଣ କଲି ସେତେବେଳେ ସେ ନିଜର ଦୁଇ ଆଖି ମଝିରେ ଶୁଳୀର ଚିହ୍ନ ଆଙ୍କି ଦେଇଥିଲା । ଏତଦ୍ ପରେ ସେ ଅବୁ ଲୁଲୁର କନ୍ୟାକୁ ମଧ୍ୟ ବଦ୍ଧ କରିଦେଇଥିଲେ ପୁଣି ଏତିକିରେ ହିଁ ତାଙ୍କର କ୍ରୋଧ ଶାନ୍ତ ହୋଇନଥିଲା ଅର୍ଥାତ ସେ ଦୁଇଜଣଙ୍କୁ ହତ୍ୟା କରିବା ପରେ ମଧ୍ୟ ହଜରତ ଉବୈଦୁଲ୍ଲା ବିନ୍ ଉମର ର:ଅଙ୍କ କ୍ରୋଧ ଶାନ୍ତ ହୋଇନଥିଲା ଏବଂ ସେ ଅବୁ ଲୁଲୁର କନ୍ୟାକୁ ମଧ୍ୟ ହତ୍ୟା କରିଦେଇଥିଲେ । ହଜରତ ଉବୈଦୁଲ୍ଲା ବିନ୍ ଉମର ର:ଅଙ୍କର ଉଦ୍ଦେଶ୍ୟ ଥିଲା ଯେ ଆଜି ମଦିନାରେ କୌଣସି କଏଦୀକୁ ଜୀବିତ ଛାଡ଼ିବେ ନାହିଁ । ମୁହାଜିର୍‌ମାନେ ଅର୍ଥାତ ହିଜ୍‌ରତ୍ କାରୀ ତାଙ୍କ ବିରୋଧରେ ଏକାଠି ହୋଇଗଲେ ତାଙ୍କୁ ରୋକି ଧମକ ଦେଲେ ସେ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ନିଶ୍ଚିନ୍ତ ତାଙ୍କୁ ହତ୍ୟା କରିଦେବି ଓ ସେ ମୁହାଜରିମାନଙ୍କୁ ମଧ୍ୟ ତିଳେ ହେଲେ ଖାତିର୍ କଲେନାହିଁ ଏପରିକ ହଜରତ ଉମର ବିନ୍ ଆସ୍ ର:ଅ ତାଙ୍କ ସାଥିରେ କ୍ରମାଗତ ଭାବରେ କଥାବାର୍ତା ମାଧ୍ୟମରେ ତାଙ୍କୁ ବୁଝାଉଥିଲେ । ତା'ପରେ ସେ ନିଜର ଖଣ୍ଡାକୁ ହଜରତ ଉମର୍ ବିନ୍ ଆସ ର:ଅଙ୍କ ନିକଟରେ ସମର୍ପିତ କରିଦେଲେ । ପୁନଶ୍ଚ ହଜରତ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ସେମାନଙ୍କ ନିକଟକୁ ଆସିଲେ ଓ ଦେଖିଲେ ଯେ ସେ ଦୁହେଁ ପରସ୍ପରର ମୁଣ୍ଡର ଚୁଟିକୁ ଧରି ରଖିଥିଲେ । ଏହିପରି ଉବୈଦୁଲ୍ଲାଃ ର:ଅ ହୁର୍ମଜାନ, ଜୁଫିନା ଓ ଅବୁ ଲୁଲୁର କନ୍ୟାକୁ ହତ୍ୟା କରିଦେଲେ ।

ବର୍ତମାନ ସମସ୍ତ ଘଟଣାଚକ୍ର ସଂକ୍ରାନ୍ତରେ ଚର୍ଚ୍ଚା ହୋଇଗଲା ଯେ ଯେଉଁ ବ୍ୟକ୍ତିଜଣକ ଅବୁ ଲୁଲୁକୁ ହଜ୍‌ରତ୍ ଉମର୍ ର:ଅଙ୍କୁ ହତ୍ୟା କରିବାକୁ ପ୍ରବର୍ତାଇ ଥିଲା ଏ ସଂକ୍ରାନ୍ତରେ ଯେଉଁ ବର୍ଣ୍ଣନାମାନ ଆମ ନିକଟରେ ପହଂଚିଥିଲା ସେ ସବୁ ପ୍ରମାଣିତ କରୁଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ହତ୍ୟା ଗୋଟିଏ ଷଡ଼ଯନ୍ତ୍ର ଥିଲା ହୁର୍ମଜାନ ଏହି ଯୋଜନା ପ୍ରସ୍ତୁତ କରିଥିଲା । ସେ ହଜ୍‌ରତ୍ ଉମର୍ ର:ଅଙ୍କ ବିରୋଧରେ ଅବୁ ଲୁଲୁର ବିଦ୍ୱେଷ ଓ ଈର୍ଷାକୁ ଅଧିକ ବୃଦ୍ଧି ଘଟାଇଥିଲା । ସେ ଦୁହେଁ ଅଣଆରବୀୟ ଥିଲେ । ପୁଣି ଯେତେବେଳେ ହୁର୍ମଜାନକୁ ବନ୍ଦୀ କରାଯାଇ ମଦିନା ପ୍ରେରଣ କରିଦିଆଯାଇଥିଲା । ସେତେବେଳେ ସେ ଭୟଭୀତ ହୋଇ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲା କାରଣ ସେ ଚିନ୍ତା କଲା ଯେ କାଳେ ଖଲିଫା ତାକୁ ମୃତ୍ୟୁଦଣ୍ଡାଦେଷ ଦେବେନାହିଁ ତ ତେଣୁ ସେ ଭୟରେ ମୁସଲମାନ ହୋଇଯାଇଥିଲା ।

ତବ୍‌କାତେ ଇବ୍‌ନେ ସାଆଦ୍'ରେ ନାଫେଙ୍କ ବର୍ଣ୍ଣନାନୁଯାୟୀ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ସେହି ଛୁରୀଟିକୁ ଦେଖିଥିଲେ ଯେଉଁଥିରେ ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରାଯାଇଥିଲା ଏବଂ ସଇଦ୍ ବିନ୍ ମୁସୈବ୍‌ଙ୍କ ବର୍ଣନା ତବ୍‌ରୀରେ ଉଲ୍ଲେଖ ରହିଛି ଯେ, ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ବକର୍ ର:ଅ ସେହି ଛୁରୀ ଦେଖିଥିଲେ ଯାହାକି ଅବୁ ଲୁଲୁ, ଜଫିନା ଓ ହର୍ମଜାନ ମଧ୍ୟରେ କଥୋପକଥନ ସମୟରେ ତଳେ ଖସି ପଡ଼ିଯାଇଥିଲା ଅର୍ଥାତ ସେମାନଙ୍କ ହାତରୁ ଖସି ତଳେ ପଡ଼ିଯାଇଥିଲା ।

ଯେତେବେଳେ ସେ ହଠାତ୍ ସେମାନଙ୍କ ନିକଟକୁ ଆସିଲେ ସେଠାରେ ସେମାନଙ୍କ ଅଗ୍ରସର ହେବା ଯୋଗୁଁ ସେମାନଙ୍କ ହାତରୁ ତାହା ଖସି ପଡ଼ିଯାଇଥିଲା । ହଜରତ ଉବୈଦୁଲ୍ଲା ବିନ୍ ଉମର ର:ଅଙ୍କୁ ଯେତେବେଳେ ଉକ୍ତ କଥା ସମ୍ପର୍କରେ ଜ୍ଞାତ ହେଲା ସେତେବେଳେ ସେ ନିଜର ଖଡ୍ଗ ଦ୍ୱାରା ସେ ଦୁହିଁଙ୍କୁ ହତ୍ୟା କରିଦେଲେ । ସେ ଏତିକିରେ ଅଟକି ଗଲେ ନାହିଁ ବରଂ ପ୍ରତିଶୋଧ ପରାୟଣର ଅଗ୍ନୀରେ ଅବୁ ଲୁଲୁର କନ୍ୟାକୁ ମଧ ହତ୍ୟା କରିଦେଲେ । ଯଦି ଉବୈଦୁଲ୍ଲା ବିନ୍ ଉମର୍ ର:ଅ ହୁର୍ମଜାନ ଓ ଜୁଫିନାକୁ ହତ୍ୟା କରିବାରେ ଶୀଘ୍ରତା ଅବଲମ୍ବନ କରିନଥାନ୍ତେ ତେବେ ଏହାର ଆଶଙ୍କା ଥିଲା ଯେ, ସେହି ଦୁଇଜଣଙ୍କ ପ୍ରସଙ୍ଗରେ ଅନୁସନ୍ଧାନ କରାଯାଇଥାନ୍ତା । ଫଳତଃ ସେହି ଷଡ଼ଯନ୍ତ୍ର ପ୍ରକାଶିତ ହୋଇଯାଇଥାନ୍ତା । ସୁତରାଂ ଯଦି ଏହି ସବୁ କଥାକୁ ସମ୍ମୁଖରେ ରଖାଯାଏ ତେବେ ଏହି ପ୍ରସଙ୍ଗ ସୂର୍ଯ୍ୟାଲୋକ ପରି ସମସ୍ତ କଥା ବୁଝାପଡ଼ିଯାଇପାରେ ଯେ, ଏହା ଏକ ନିୟମିତ ଷଡ଼ଯନ୍ତ୍ର ଥିଲା ଯାହା ଉପରେ କାର୍ଯ୍ୟକାରୀ କରି ହଜ୍‌ରତ୍ ଉମର୍ ର:ଅଙ୍କୁ ହତ୍ୟା କରାଯାଇଥିଲା ଅର୍ଥାତ ଅବୁ ଲୁଲୁ ଏହି ବର୍ବର କାଣ୍ଡ ଭିଆଇଥିଲା ।

***(ସିରତ୍ ଉମରେ ଫାରୁକ୍ ଲେଖକ- ମୁହମ୍ମଦ ରଜା: ମୁତରଜିମ୍ ମୁହମ୍ମଦ୍ ସରୱର୍ ଗୋହର୍ ସାହେବ୍, ପୃ-୩୪୦-୩୪୪)***

ଏହି ପ୍ରସଙ୍ଗରେ ଜଣେ ଜୀବନୀ ଲେଖାଳୀ ଡ଼ାଃ ମୁହମ୍ମଦ ହୁସୈନ୍ ହୈକଲ୍ ନିଜର ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ଘଟଣାବଳୀ ହେଉଛି ଏହା କି, ଇରାନୀୟ ଇହୁଦୀ ଓ ଖ୍ରୀଷ୍ଟ ମୁସଲମାନମାନଙ୍କଠାରୁ ଶିକ୍ଷଣୀୟ ପରାଜୟ ବରଣ କରିବା ପରେ ନିଜ ମନରେ ଆରବବାସୀଙ୍କ ପ୍ରତି ବିଦ୍ୱେଷ ଭାବ ରଖୁଥିଲେ । ବିଶେଷ କରି ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରତି ବୈରାଗ୍ୟ ଓ ବିଦ୍ୱେଷାଭାବର ଆବେଗକୁ ମନ ଭିତରେ ଲୁଚାଇ ବସିଥିଲେ । ସମ୍ଭବତଃ ଅବୁ ଲୁଲୁର ଏଭଳି ଆଚରଣ ପ୍ରଦର୍ଶନ କରିବାଟା ମଦିନାରେ ଅଣ ଆରବୀୟ ବିଧର୍ମୀମାନଙ୍କର ଏକ କ୍ଷୁଦ୍ର ଗୋଷ୍ଠୀର କ୍ରୋଧ ଓ ପ୍ରତିଶୋଧର ପରିଣାମ ଥିଲା । ଏହି ଉପାୟ ଇସ୍‌ଲାମ୍‌ର ଶତ୍ରୁମାନେ ନିଜ ବିଦ୍ୱେଷାଭାବ ଓ ଶତ୍ରୁତା ଯୋଗୁଁ ପାଂଚିଥିଲେ ଏହିଭଳି ସେମାନେ ଏକଥା ଭାବୁଥିଲେ ଯେ ଏତଦ୍ ଦ୍ୱାରା ସେମାନେ ଆରବର ଏକତାକୁ ଖଣ୍ଡ ବିଖଣ୍ଡିତ କରି ମୁସଲମାନମାନଙ୍କୁ ଦୁର୍ବଳ କରିଦିଆଯାଇପାରିବ । ହଜ୍‌ରତ୍ ଉମର୍ ର:ଅଙ୍କ ସନ୍ତାନମାନେ ଏହି ଷଡ଼ଯନ୍ତ୍ର ଉପରୁ ପରଦା ଉଠାଇ ତାହାର ମୂଳ ପର୍ଯ୍ୟନ୍ତ ପହଂଚି ପାରିଥାନ୍ତେ ଯଦି ଅବୁ ଲୁଲୁ ଫିରୋଜ ଆତ୍ମ ହତ୍ୟା ନ କରିଥାନ୍ତା କିନ୍ତୁ ସେ ଆତ୍ମହତ୍ୟା କରି ଏହି ରହସ୍ୟକୁ ନିଜ ସାଥିରେ ନେଇ ଚାଲିଗଲା ଓ କଥା ଶେଷ ହୋଇଗଲା । କିନ୍ତୁ ବିଧିର ବିଧାନ ଉକ୍ତ ଷଡ଼ଯନ୍ତ୍ର ପ୍ରତି ଇଙ୍ଗିତ କଲା ଯେତେବେଳେ ହଜରତ ଅବ୍‌ଦୁର୍ ରହ୍‌ମାନ୍ ଉକ୍ତ ଛୁରୀକୁ ଦେଖିଲେ ସହସା କହିଉଠିଲେ ଏହି ଛୁରୀ ତ ମୁଁ କାଲି ହୁର୍ମଜାନ ଓ ଜୁଫିନା ନିକଟରେ ଦେଖିଥିଲି ଏବଂ ମୁଁ ତାକୁ ପଚାରିଥିଲି ଯେ, ତୁମେମାନେ ଏତତ୍‌ଦ୍ୱାରା କ'ଣ କରିବ ? ସେ ଉତର ଦେଇଥିଲେ ଯେ, ଆମେ ଏତଦ୍ ଦ୍ୱାରା ମାଂସ କାଟିବୁ କାରଣ ଆମେ ମାଂସକୁ ହାତ ଲଗାଇନଥାଉ । ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବୁବକ୍କର କହିଲେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ହତ୍ୟାକାରୀ ଅବୁ ଲୁଲୁ ନିକଟ ଦେଇ ଯେବେ ଅତିକ୍ରମ କଲି ତାହା ନିକଟରେ ଜୁଫୈନା ଓ ହୁର୍ମଜାନ ଉପସ୍ଥିତ ଥିଲେ ସେମାନେ ପରସ୍ପର ମଧ୍ୟରେ ଟୁପୁରୁଟାପର ହେଉଥିଲେ ଓ ମୁଁ ସେମାନଙ୍କ ନିକଟକତର ହେବାରୁ ସେମାନେ ସଙ୍ଗେ ସଙ୍ଗେ ସେଠାରୁ ପଳାୟନ କଲେ, ଯଦ୍ୱାରା ସେମାନଙ୍କ ନିକଟରୁ ଗୋଟିଏ ଛୁରୀ ଖସି ପଡ଼ିଲା ଅର୍ଥାତ ଅତର୍କିତ ଭାବରେ ସେଠାରୁ ଖସି ପଳାଇ ଥିବା ସମୟରେ ତାଙ୍କ ହାତରୁ ଗୋଟିଏ ଛୁରୀ ଖସି ପଡ଼ିଯାଇଥିଲା ଯାହାର ଦୁଇଟି ଫଳକ ରହିଥିଲା ଏବଂ ତାହାର ମଧ ଭାଗରେ ତାହାର ମୁଠା ରହିଥିଲା । ଯେତେବେଳେ ଲୋକମାନେ ଉକ୍ତ ଅସ୍ତ୍ରକୁ ଦେଖିଲେ ସେତେବେଳେ ବାସ୍ତବପକ୍ଷେ ତାହା ହିଁ ଥିଲା ଯେପରି କି ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବୁବକ୍କର ବର୍ଣ୍ଣନା କରିଥିଲେ । ତେବେ ଏପରି କ୍ଷେତ୍ରରେ ଏହି ମାମଲାରେ କୌଣସି ସନ୍ଦେହ ଆଉ ରହିଯାଉନାହିଁ ଏହା ବର୍ଣ୍ଣନାକାରୀ ଲେଖିଛନ୍ତି ଯେ ଏହି ଦୁଇଜଣ ଅର୍ଥାତ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଓ ହଜରତ ଅବ୍‌ଦୁର୍ ରହମାନ ବିନ୍ ଅବୁବକ୍କର ର:ଅ ମୁସଲମାନମାନଙ୍କ ମଧ୍ୟରେ ସର୍ବାଧିକ ଭରଷାଯୋଗ୍ୟ ସାକ୍ଷ୍ୟ ଦେଇଛନ୍ତି ଯେ, ଯେଉଁ ଛୁରୀ ଦ୍ୱାରା ହଜ୍‌ରତ୍ ଉମର୍ ର:ଅଙ୍କୁ ହତ୍ୟା କରାଗଲା ତାହା ହୁର୍ମଜାନ ଓ ଜୁଫିନା ନିକଟରେ ଥିଲା । ଏହାପରେ ସନ୍ଦେହର ଆଉ କୌଣସି ଅବକାସ ରହୁନାହିଁ ଯେ, ହଜ୍‌ରତ୍ ଉମର୍ ର:ଅ ଏହିଭଳି ଷଡ଼ଯନ୍ତ୍ରର ଶିକାର ହୋଇଥିଲେ ବୋଲି ଯାହାର ଏହି ତିନିଜଣ ମୂଖ୍ୟ ଅଭିଯୁକ୍ତ ଥିଲେ କିନ୍ତୁ ଏହା ମଧ ସମ୍ଭବ ଯେ ଅନ୍ୟ ଇରାନୀ ଓ ଅନ୍ୟ ଗୋଷ୍ଠୀର ସଦସ୍ୟ ମଧ ସେଥିରେ ଅର୍ଥାତ ଉକ୍ତ ଷଡ଼ଯନ୍ତ୍ରରେ ସାମିଲ ହୋଇଥିବେ ଯେଉଁମାନଙ୍କ ଉପରେ ମୁସଲମାନମାନେ ବିଜୟ ଲାଭ କରିଥିଲେ ।

ଯେତେବେଳେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଓ ହଜରତ ଅବଦୁର୍ ରହ୍‌ମାନ୍ ବିନ୍ ଅବୁବକ୍କରଙ୍କ ସାକ୍ଷ୍ୟ ଶୁଣିଲେ ସେତେବେଳେ ସମଗ୍ର ବ୍ରହ୍ମାଣ୍ଡ ତାଙ୍କ ପାଇଁ ରକ୍ତାକ୍ତ ପୂର୍ଣ୍ଣ ପାଲଟି ଯାଇଥିଲା ଅର୍ଥାତ ସେ କ୍ରୋଧରେ ଜର୍ଜରିତ ହୋଇ ଉଠିଥିଲେ, ତାଙ୍କ ହୃଦୟରେ ଏକଥା ବସା ବାନ୍ଧି ଯାଇଥିଲା ଯେ ମଦିନାର ସମସ୍ତ ପରଦେଶୀ ଅର୍ଥାତ ଅଣଆରବୀୟମାନେ ଏହି ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି ଓ ସେମାନେ ଏହି ବିଭତ୍ସ କାଣ୍ଡ ଭିଆଇଛନ୍ତି । ତେଣୁ ସହସା ନିଜ ଖଣ୍ଡା ଧରି ସେ ଉଠିଲେ ଏବଂ ଯାଇ ହୁର୍ମଜାନ ଓ ଜୁଫିନାକୁ ହତ୍ୟା କରିଦେଲେ । ସେ ଯାହା ହେଉ ନା କାହିଁକି ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କୁ ଏପରି ପଦକ୍ଷେପ ନେବା ଆଇନଗତ ଦୃଷ୍ଟିକୋଣରୁ ଠିକ୍ ନଥିଲା । ଅତଏବ କୌଣସି ବ୍ୟକ୍ତିକୁ ଏହି ଅଧିକାର ନାହିଁ ଯେ ସେ ପ୍ରତିଶୋଧ ନେବା ପାଇଁ ସ୍ୱୟମ ଛିଡ଼ା ହୋଇଯାଉ ଅବା ଅଂଟା ଭିଡୁ ତଥା ନିଜର ଅଧିକାର ହାସଲ କରିନେଉ । ଯେବେ କି ମାମଲାର ବିଚାର ରସୁଲୁଲ୍ଲାଃ ସ:ଆ:ସଙ୍କ ପରେ ଆପଣଙ୍କ ପରବର୍ତୀ ଖଲିଫାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଓ ସେମାନେ ଲୋକମାନଙ୍କ ମଧ୍ୟରେ ନ୍ୟାୟସଙ୍ଗତ ବିଚାର କରୁଥିଲେ ଏବଂ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା ଏବଂ ଏଥିପାଇଁ ସେମାନେ ନିୟମ ପ୍ରଣୟନ କରିଥିଲେ ତେଣୁ ହଜରତ ଉବୈଦୁଲ୍ଲାଃ ର:ଅଙ୍କର ଏ କର୍ତବ୍ୟ ଥିଲା ଯେ ସେ ଏହାର ନିଷ୍ପତି ପାଇଁ ଅମୀରୁଲ୍ ମୁମିନିନ୍‌ଙ୍କ ନିକଟକୁ ଯାଇଥାନ୍ତେ । ଯଦି ଖଲିଫାଙ୍କ ନିକଟରେ ସେମାନଙ୍କର ଦୋଷ ସାବ୍ୟସ୍ତ ହୋଇଯାଇଥାନ୍ତା ତା'ହେଲେ ସେମାନଙ୍କୁ ଦଣ୍ଡ ମିଳିଥାନ୍ତା ଓ ଯଦି ଦୋଷ ସାବ୍ୟସ୍ତ ହୋଇନଥାନ୍ତା ତା'ହେଲେ ସେ କେବଳ ଅବୁ ଲୁଲୁ; ଯିଏ ହତ୍ୟା କରିଥିଲା ତା' ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ । ଦଣ୍ଡ ଦେଇଥାନ୍ତେ ବା ଦଣ୍ଡ କୋଳ କରିପାରିଥାନ୍ତେ । କିନ୍ତୁ ଉବୈଦୁଲ୍ଲାଃ ବିନ୍ ଉମର୍ ଯାହା କଲେ ତାହା ଆଇନ ଅନୁସାରେ ଠିକ୍ ନଥିଲା । ***(ଅଲ୍‌ଫାରୁକ୍ ଉମର୍ ର:ଅ ଲେଖକ ମୁହମ୍ମଦ ହୁସୈନ୍ ହୈକଲ୍ ମୁତରଜିମ୍ ହବିବ୍ ଅଶ୍‌ଅର୍, ପୃ-୮୬୯-୮୭୨, ଇସ୍‌ଲାମୀ କୁତୁବ୍ ଖାନା ଉର୍ଦ୍ଦୁ ବାଜାର୍ ଲାହୋର)***

ଘଟଣାଟି ହେଉଛି ଏପରି କି ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅ ନିଜ କ୍ରୋଧକୁ ଶାନ୍ତ କରିବାପାଇଁ ନିଜ ପ୍ରତିଶୋଧକୁ ପୂରଣ କରିବାପାଇଁ ସେ ହର୍ମଜାନ ଆଡ଼କୁ ଯାଇଥିଲେ ଏବଂ ତାକୁ ଡ଼ାକ ଛାଡ଼ିଥିଲେ ଯେତେବେଳେ ତାଙ୍କ ନିକଟକୁ ସେ ଆସିଲା ସେତେବେଳେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅ ତାକୁ ସାଥିରେ ନେଇ ଆସିଥିଲେ ଅର୍ଥାତ କହିଥିଲେ ଯେ, ଚାଲ ମୋ ଘୋଡ଼ା ଦେଖିବା ଏବଂ ସେ ତାହାକୁ ନିଜ ଆଗରେ ଚାଲିବାକୁ କହିଥିଲେ ଯେତେବେଳେ ସେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କ ଆଗରେ ଅଗ୍ରସର ହେଲା ସେତେବେଳେ ତାହା ଉପରକୁ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅ ନିଜ ଖଣ୍ଡାର ପ୍ରହାର କରିଥିଲେ ଏବଂ ତାହାର କାମ ତମାମ୍ କରିଦେଇଥିଲେ । ଇରାନୀ ଯେତେବେଳେ ଖଣ୍ଡାର ସ୍ୱର ଅନୁଭବ କଲା ଅର୍ଥାତ ତାଙ୍କୁ ଖଣ୍ଡାର ପ୍ରହାର ହେବାର ଅନୁଭବ ହେଲା ସହସା କହି ଉଠିଲା ଲା ଇଲାହା ଇଲ୍ଲାଲ୍ଲାଃ ବର୍ତମାନ ଉଲ୍ଲେଖ ରହିଛି ଯେ, ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅ କହିଲେ ଏ ହଜ୍‌ରତ୍ ଉମର୍ ର:ଅଙ୍କ ପୁତ୍ର ଥିଲେ ସେଥିଅନ୍ତେ ମୁଁ ଜୁଫିନାଙ୍କୁ ଡ଼ାକିଲି । ସେ ହୈରାର ଜଣେ ଖ୍ରୀଷ୍ଟଧର୍ମାଲମ୍ବୀ ଥିଲା ଏବଂ ସଇଦ୍ ବିନ୍ ଅବି ୱକାସ ର:ଅଙ୍କ ଜଣେ ମାତାଠାରୁ ସେ କ୍ଷୀରପାନ କରିଥିବାରୁ ସେ ତାହାର ଭାଇ ଥିଲା ତେଣୁ ସଇଦ୍ ତାକୁ ମଦିନା ନେଇ ଆସିଥିଲେ ଯେଉଁଠାରେ ସେ ଲୋକମାନଙ୍କୁ ପଢ଼ିବା ଲେଖିବା ଶିଖାଉଥିଲା । ଯେତେବେଳେ ମୁଁ ତାହାକୁ ଖଣ୍ଡା ଦ୍ୱାରା ପ୍ରହାର କଲି ସେ ନିଜ ଦୁଇ ଚକ୍ଷୁ ମଧ୍ୟରେ ଶୁଳୀର ଚିହ୍ନ ଆଙ୍କିଥିଲା । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅଙ୍କ  ଦ୍ୱିତୀୟ ଭାଇ ମଧ ନିଜ ପିତାଙ୍କ ଶାହାଦତ୍‌ରେ କିଛି କମ୍ କ୍ରୋଧିତ ହୋଇନଥିଲେ କିନ୍ତୁ ଏ ସମସ୍ତଙ୍କଠାରୁ ଅଧିକ କ୍ରୋଧରେ ଜର୍ଜରିତ ହୋଇଥିବା ମଣିଷ ଥିଲେ ହଜରତ ହଫ୍‌ସା ର:ଅ ଉମ୍ମୁଲ୍ ମୁମିନିନ୍ ତେଣୁ ସେମାନେ ଏହି ପ୍ରତିଶୋଧର ଅର୍ଥାତ ଏହି ପ୍ରତିଶୋଧ ନେଇଥିଲେ ସେମାନଙ୍କୁ ହତ୍ୟା କରି । ଏ ପ୍ରସଙ୍ଗରେ ମଧ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅଙ୍କର ଆବଶ୍ୟକତା ଥିଲା ଯେ ସେ ଅମିରୁଲ୍ ମୁମିନିନ୍‌ଙ୍କ ନିଷ୍ପତି ନେବା ପର୍ଯ୍ୟନ୍ତ ଅପେକ୍ଷା କରିପାରିଥାନ୍ତେ ତାଙ୍କଠାରୁ ନ୍ୟାୟ ମାଗି ପାରିଥାନ୍ତେ ଯଦି ଏହା ପ୍ରମାଣିତ ହୋଇଯାଇଥାଆନ୍ତା ଯେ, ସେହି ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ଆକ୍ରମଣ କରିଛି ଏବଂ ତାଙ୍କୁ ହତ୍ୟା କରିଛି ନଚେତ ସନ୍ଦେହ ଆଧାରରେ ଯେପରି ନିଷ୍ପତି ଦେବା କଥା ତାହା ଉପସ୍ଥିତ ଖଲିଫା ତାହା ପାଇଁ ପ୍ରଣୟନ କରିଥାନ୍ତେ । ସେ ଯାହା ହେଉ ନା କାହିଁକି ନିୟମ ଦୃଷ୍ଟିରୁ ତାଙ୍କର ଏହିପରି କରିବା ଅର୍ଥାତ ହତ୍ୟା କରିବା ତାଙ୍କର ଅଧିକାର ନଥିଲା । ସାରାଂଶ ଏହି କି ଯେ, ଏହି ହତ୍ୟା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ଥିଲା କିନ୍ତୁ ସେତେବେଳ ପରିସ୍ଥିତିକୁ ଦେଖି ହଜ୍‌ରତ୍ ଉମର୍ ର:ଅ ଘଟଣାର ଅଧିକ କିଛି ଅନୁସନ୍ଧାନ କରିନଥିଲେ ଯାହାକି ପ୍ରାରମ୍ଭିକ ଐତିହାସିକମାନେ ବର୍ଣ୍ଣନା କରିଛନ୍ତି ଏବଂ ଏ ସଂକ୍ରାନ୍ତରେ ନୀରବ ରହିଛନ୍ତି । ସେ ଯୁଗର କ୍ରମିକତା ଦୃଷ୍ଟିକୋଣରୁ ଏହା ଉପରେ ଯୁକ୍ତିତର୍କ କରୁଛନ୍ତି ଏବଂ ସେମାନଙ୍କର ପ୍ରମାଣ ଭିତିହୀନ ନୁହେଁ ବୋଲି ପ୍ରତୀତ ହେଉଛି । କାରଣ ଏହି ଷଡ଼ଯନ୍ତ୍ର କେବଳ ଏହିଠାରେ ଅଟକି ନଥିଲା ବରଂ ହଜରତ ଉସ୍‌ମାନ୍ ର:ଅ ମଧ ଏହିପରି ଏକ ଷଡ଼ଯନ୍ତ୍ରର ଶିକାର ହୋଇଥିଲେ ତହିଁରୁ ଏହି ସନ୍ଦେହଟି ଅଧିକ ଦୃଢ଼ିଭୁତ ହେଉଛି ଯେ, ଇସ୍‌ଲାମ୍‌ର କ୍ରାମଗତ ବୃଦ୍ଧିକୁ ରୋକିବାପାଇଁ ନିଜର ପ୍ରତିଶୋଧର ନିଆଁକୁ ଶୀତଳ କରିବାପାଇଁ ବାହ୍ୟିକ ଶତ୍ରୁମାନେ ଏକ ଷଡ଼ଯନ୍ତ୍ର ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରିବାପାଇଁ ଯୋଜନା କରିଥିଲେ । ଅଲ୍ଲାଃ ତାଲା ହିଁ ସକଳ ବିଷୟ ଭଲ ରୂପେ ଅବଗତ ।

ସହି ମୁସ୍‌ଲିମ୍‌ରେ ବର୍ଣ୍ଣିତ ରହିଛି ଯେ, ହଜରତ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ମୋ ପିତାଙ୍କ ଉପରେ ମରଣାତ୍ମକ ଆକ୍ରମଣ ହେଲା ମୁଁ ସେତେବେଳେ ତାଙ୍କ ନିକଟରେ ଉପସ୍ଥିତ ଥିଲି ଲୋକମାନେ ମୋ ପିତାଙ୍କର ପ୍ରଶଂସା କଲେ ଏବଂ କହିଲେ ଜଜାକଲ୍ଲାହୁ ଖୈରନ୍ ଅର୍ଥାତ ଅଲ୍ଲାଃ ତାଲା ଆପଣଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆପଣ ର:ଅ କହିଲେ ମୁଁ ଅଭିଳାଷକାରୀ ମଧ ଅଟେ

ଏବଂ ଭୟାଲୁ ମଧ୍ୟ, ଲୋକମାନେ କହିଲେ, ହେ ଉମର୍ ! ଆପଣ ଆପଣଙ୍କ ଅନ୍ତେ ଜଣେ ଖଲିଫାଙ୍କୁ ଆପଣଙ୍କ ଉତରାଧିକାରୀ ରୂପେ ଚୟନ କରିଦିଅନ୍ତୁ ଏଥିରେ ହଜରତ ଉମର୍ ର:ଅ କହିଲେ, ମୁଁ ତୁମର ବୋଝକୁ ଜୀବିତ ଅବସ୍ଥାରେ ଏବଂ ମୃତ୍ୟୁପରେ ମଧ୍ୟ ବହନ କରିବି । ତହିଁରେ ମୋର ମଧ୍ୟ ସମାନ ଭାଗ ରହିବ ଅର୍ଥାତ ନା ମୋର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନା ହିଁ ମତେ କିଛି ପ୍ରତିଫଳ ପ୍ରଦାନ କରାଯାଉ । ମୁଁ ଯଦି କୌଣସି ବ୍ୟକ୍ତିକୁ ଉତରାଧିକାରୀ ରୂପେ ମନୋନୀତ କରିବି ତେବେ ସେମାନେ ମଧ୍ୟ ଉତରାଧିକାରୀ ମନୋନୀତ କରିଥିଲେ ଯିଏ ମୋ ଠାରୁ ମଧ୍ୟ ଉତମ ବ୍ୟକ୍ତି ଥିଲେ ଅର୍ଥାତ ହଜରତ ଅବୁବକର ର:ଅ ଯଦି ମୁଁ ଖଲିଫା ମନୋନୀତ କରାଯାଏ ତେବେ ତହିଁରେ କୌଣସି ଆପତି ନାହିଁ ଓ ମୁଁ ଯଦି ତୁମମାନଙ୍କୁ ବିନା ଉତରାଧିକାରୀ ଛାଡ଼ି ଇହଧାମ ତ୍ୟାଗ କରେ ତାହେଲେ ସେ ମଧ୍ୟ ତୁମକୁ ବିନା ଉତରାଧିକାରୀ ରୂପେ ଛାଡ଼ି ଇହଧାମ ତ୍ୟାଗ କରିଥିଲେ ଯିଏ ମୋ ପୂର୍ବରୁ ଥିଲେ ଏବଂ ସର୍ବୋତମ ବ୍ୟକ୍ତି ଥିଲେ ଅର୍ଥାତ ହଜୁର ସ:ଆ:ସଙ୍କ ଉଦାହରଣ ଦେଲେ ଯେ, ହଜୁର ସ:ଆ:ସ ମଧ୍ୟ ନିଜର କୌଣସି ଉତରାଧିକାରୀ ନିରୂପଣ କରିନଥିଲେ । ହଜରତ ଅବ୍‌ଦୁଲ୍ଲାଃ କୁହନ୍ତି; ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଆଁ ହଜରତ ସ:ଆ:ସଙ୍କ ଚର୍ଚ୍ଚା କଲେ ସେତେବେଳେ ମୁଁ ଜାଣିଥିଲି ଯେ ଆପଣ ନିଜର ଉତରାଧିକାରୀ ମନୋନୀତ କରିବେ ନାହିଁ । ***(ସହି ମୁସ୍‌ଲିମ୍, କିତାବୁଲ୍ ଅମାରାଃ...... ହଦିସ୍ ୪୭୧୩)***

ସହି ମୁସ୍‌ଲିମ୍‌ର ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ରହିଛି ଯେ ହଜରତ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରିଛନ୍ତି ଯେ, ମୁଁ ହଫ୍‌ସା ର:ଅଙ୍କ ନିକଟକୁ ଗଲି ଏବଂ ସେ କହିଲେ, କଣ ତୁମେ ଜାଣ ଯେ ତୁମର ପିତା ଉତରାଧିକାରୀ ମନୋନୀତ କରିବେ? ମୁଁ କହିଲି ସେ ଏପରି କରିବେନାହିଁ ପୁଣି ମୁଁ ଶପଥ କଲି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ପୁର୍ନବାର ବାର୍ତାଲାପ କରିବି ଏ ପ୍ରସଙ୍ଗରେ । ସେ କୁହନ୍ତି ମୁଁ ସକାଳ ପର୍ଯ୍ୟନ୍ତ ନୀରବ ରହିଲି ଓ ଆପଣଙ୍କ ସହିତ କୌଣସି କଥାବାର୍ତା କଲିନାହିଁ ମୋର ଏ ଅବସ୍ଥା ଥିଲା ଯେ, ମୁଁ ଯେପରି ନିଜର ଶପଥ ଯୋଗୁଁ ପାହାଡ଼ ଉଠାଇବି ପୁଣି ମୁଁ ପ୍ରତ୍ୟାବର୍ତନ କରି ତାଙ୍କ ନିକଟକୁ ଗଲି ହଜ୍‌ରତ୍ ଉମର୍ ର:ଅ ମୋତେ ଲୋକମାନଙ୍କର ଅବସ୍ଥା ପଚାରି ବୁଝିଲେ ମୁଁ ସେହି କଥା କହିଲି ଯାହା ଲୋକମାନେ ମତେ କହିଥିଲେ, ଏହାପରେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲି ମୁଁ ଲୋକମାନଙ୍କୁ ଗୋଟିଏ କଥା କହୁଥିବାର ଶୁଣିବାକୁ ପାଇଲି ଓ ମୁଁ ରାଣ ଖାଇ କହୁଛି ଯେ ମୁଁ ଆପଣଙ୍କୁ ସେହି କଥାଟି ଅବଶ୍ୟ କହିବି । ଲୋକମାନଙ୍କର ଏହି ଧାରଣା କୁଆଡ଼େ ରହିଛି ଯେ ଆପଣ ନିଜର ଉତରାଧିକାରୀ ନିଯୁକ୍ତ କରିବେନାହିଁ । ଅସଲ କଥାଟି ଏହି କି ଯେ ଯଦି ଆପଣଙ୍କର ଓଟଗୁଡ଼ିକୁ କେହି ଚରାଉଥିବ କିମ୍ବା ଛେଳିମାନଙ୍କୁ ଚରାଉଥିବ ସେ ଯଦି ଆପଣଙ୍କ ନିକଟକୁ ଆସେ ଓ ସେମାନଙ୍କୁ ଛାଡ଼ିଦିଏ ତେବେ ଆପଣ ଏହା ଦେଖିବେ ଯେ, ସେ ସେହି ସମସ୍ତ ପଶୁମାନଙ୍କୁ ନଷ୍ଟ କରିଦେଇଛି । ଅତଏବ ଲୋକମାନଙ୍କର ଜଣେ ନିରୀକ୍ଷକ ରହିବା ତ ଅତ୍ୟନ୍ତ ଆବଶ୍ୟକୀୟ ଅର୍ଥାତ ଜଣେ ମୁରବୀ ଅର୍ଥାତ ସରଦାର ରହିବା ଅନିବାର୍ଯ୍ୟ । ହଜ୍‌ରତ୍ ଉମର୍ ର:ଅ ମୋର ଏହି କଥା ପ୍ରତି ସହମତି ପ୍ରକାଶ କଲେ ଏବଂ କିଛି କ୍ଷଣ ପାଇଁ ନିଜକୁ ନୀରବ ରଖିଲେ ପୁନଶ୍ଚ ଆପଣ ମୁଣ୍ଡ ଉଠାଇ ମତେ କହିଲେ, ଐଶ୍ୱର୍ଯ୍ୟମୟ ଅଲ୍ଲାଃ ନିଜର ଧର୍ମର ରକ୍ଷା ଅବଶ୍ୟ କରିବେ ମୁଁ ଯଦି କୌଣସି ବ୍ୟକ୍ତିକୁ ଖଲିଫା ନିଯୁକ୍ତ କରେ ତେବେ ତାହା ସୁନ୍ନତୁଲ୍ଲାଃର ବିପରୀତ ହେବ କ'ଣ ତୁମେ ଦେଖିଛ ଯେ, ହଜୁର ସ:ଆ:ସ କାହାରିକୁ ନିଜର ଉତରାଧିକାରୀ ଚୟନ କରିଥିଲେ? ମୁଁ ଯଦି କୌଣସି ବ୍ୟକ୍ତିକୁ ଖଲିଫା ରୁପେ ନିଯୁକ୍ତ କରେ ତେବେ ହଜରତ ଅବୁବକର ର:ଅ ନିଜର ଖଲିଫା ନିଯୁକ୍ତ କରିଥିଲେ । ଏଥିରେ ଇବ୍‌ନେ ଉମର ର:ଅ କହିଲେ ଅତଏବ ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯେତେବେଳେ ହଜ୍‌ରତ୍ ଉମର୍ ର:ଅ, ହଜୁର ସ:ଆ:ସ ଓ ହଜରତ ଅବୁବକ୍କର ର:ଅଙ୍କ ଚର୍ଚ୍ଚା କଲେ ସେତେବେଳେ ମୁଁ ଏହା ବୁଝି ନେଲି ଯେ ଆପଣ କାହାରିକୁ ବା କୌଣସି ବ୍ୟକ୍ତିକୁ ହଜୁର ସ:ଆ:ସଙ୍କ ସମକକ୍ଷ ରୂପେ ବିବେଚିତ କରିବେନାହିଁ ଏବଂ ଆପଣ କୌଣସି ବ୍ୟକ୍ତିକୁ ନିଜର ଉତରାଧିକାରୀ ରୂପେ ନିଯୁକ୍ତ କରିବେନାହିଁ ।

***(ସହି ମୁସ୍‌ଲିମ୍, କିତାବୁଲ୍ ଅମାରାଃ, ବାବୁଲ୍ ଇସ୍‌ତିଖ୍‌ଲାଫ୍ ୱ ତର୍‌କା, ହଦିସ୍ ୪୭୧୪)***

ହଜରତ ମିସ୍‌ୱର୍ ବିନ୍ ମଖ୍‌ରମା ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ଆହତ କରାଗଲା ସେତେବେଳେ ସେ ପୀଡ଼ାରେ ଛଟପଟ ହେଉଥିଲେ, ହଜରତ ଇବ୍‌ନେ ଅବ୍‌ବାସ ର:ଅ ତାଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ ଏବଂ କହିଲେ, ହେ ଅମିରୁଲ୍ ମୁମିନିନ୍! ଯଦି ଏପରି ରହିଛି ତେବେ ଆପଣ ହଜୁର ସ:ଆ:ସଙ୍କ ସହଚର୍ଯ୍ୟତା ଲାଭ କରିଅଛନ୍ତି ଏବଂ ଆପଣ ଅତ୍ୟନ୍ତ ଉତମ ଢ଼ଙ୍ଗରେ ହଜୁର ସ:ଆ:ସଙ୍କ ସହଯୋଗ କରିଥିଲେ ଏବଂ ତାଙ୍କଠାରୁ ଏଭଳି ଅବସ୍ଥାରେ ବିଚ୍ଛେଦ ହେଲେ ଯେତେବେଳେ କି ସେ ଆପଣଙ୍କ ଉପରେ ପ୍ରସନ୍ନିତ ଥିଲେ ସେଥିଅନ୍ତେ ଆପଣ ହଜରତ ଅବୁବକର ର:ଅଙ୍କ ସାଥିରେ କାଳାତିପାତ କଲେ ଏବଂ ଅତ୍ୟନ୍ତ ଉତମ ରୂପେ ତାଙ୍କର ସାହାଯ୍ୟ ସହଯୋଗ କରିଥିଲେ । ପୁନଶ୍ଚ ସେ ଆପଣଙ୍କଠାରୁ ଏଭଳି ଅବସ୍ଥାରେ ବିଦାୟ ନେଲେ ଯେତେବେଳେ କି ସେ ଆପଣଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରସନ୍ନିତ ଥିଲେ । ସେଥିଅନ୍ତେ ଆପଣ ହଜୁର ସ:ଆ:ସଙ୍କ ସାହାବାମାନଙ୍କ ସଙ୍ଗତରେ ରହିଲେ ଏବଂ ଅତ୍ୟନ୍ତ ଉତମ ରୂପେ ନିଜର କର୍ତବ୍ୟ ସମ୍ପାଦନ କଲେ । ବର୍ତମାନ ଯଦି ଆପଣ ନିଜ ସାହାବାମାନଙ୍କଠାରୁ ହଜୁର ସ:ଆ:ସଙ୍କ ସାହାବାମାନଙ୍କଠାରୁ ପୃଥକ ହୋଇଯାଆନ୍ତି ତେବେ ନିଃସନ୍ଦେହ ରୂପେ ଏହା ଅର୍ଥାତ ସେମାନେ ଆପଣଙ୍କ ଉପରେ ପ୍ରସନ୍ନିତ ଅଛନ୍ତି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ତୁମେ ଏ ଯେଉଁ ହଜୁର ସ:ଆ:ସଙ୍କ ସାହାଚର୍ଯ୍ୟତା ଓ ପ୍ରସନ୍ନତାର ଚର୍ଚ୍ଚା କଲ ଏହା କେବଳ ଅଲ୍ଲାଃ ତାଲାଙ୍କର କୃପା ଓ ଉପକାର ଅଟେ, ତାଙ୍କର କୃପା ଅଟେ ଯାହାକି ସେ ମତେ ପ୍ରଦାନ କରିଛନ୍ତି ତୁମେ ଅବୁବକର ର:ଅଙ୍କର ଯେଉଁ କଥା କହିଲ ଯେ ସେ ମୋ ଉପରେ ପ୍ରସନ୍ନିତ ଥିଲେ ତାହା ମଧ୍ୟ ଅଲ୍ଲାଃ ତାଲାଙ୍କର କୃପା ଥିଲା, ଯାହା ଅଲ୍ଲାଃ ମୋ ଉପରେ କଲେ ଏବଂ ସେ ନିଜର ପ୍ରୀୟ ଜନଙ୍କ ସହିତ ଏଭଳି ଆଚରଣ ପ୍ରଦର୍ଶନ କରିଥାନ୍ତି । ବର୍ତମାନ କିନ୍ତୁ ମୁଁ ନିଜ ପାଇଁ ଚିନ୍ତିତ ନୁହେଁ ବରଂ ତୁମ ଓ ତୁମ ସାଥିମାନଙ୍କ ସମ୍ପର୍କରେ ଚିନ୍ତିତ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୋ ନିକଟରେ ଯଦି ସ୍ୱର୍ଣ୍ଣ ଭୂମି ଖଣ୍ଡିଏ ମଧ୍ୟ ଥାଏ ତେବେ ଅବଶ୍ୟ ମୁଁ ତାହାକୁ ଅଲ୍ଲାଃ ତାଲାଙ୍କ ଶାସ୍ତିକୁ ଦେଖିବା ପୁର୍ବରୁ ତାହାକୁ ପ୍ରଭୁଙ୍କ ମାର୍ଗରେ ବିନିମୟ କରି ନିଜକୁ ମୁକ୍ତ କରିନିଅନ୍ତି । ***(ସହି ବୁଖାରୀ କିତାବ୍ ଫଜାଇଲେ ଅସ୍‌ହାବେ ନବୀ ସ:ଆ:ସ, ବାବ୍ ମନାକିବ୍ ଉମର୍ ବିନ୍ ଖତାବ୍.... ହଦିସ୍ ୩୬୯୨)***

ହଜରତ ମୁସ୍‌ଲେହ ମଉଦ୍ ର:ଅ ଆୟତ **ୱଲୟୁବଦ୍‌ଦିଲନ୍ନହୁମ୍ ମିମ୍ ବାଦି ଖୌଫିହିମ୍ ଅମ୍‌ନା**'ର ବ୍ୟାଖ୍ୟା କରି ବର୍ଣ୍ଣନା କରିଛନ୍ତି ଯେ, ଖଲିଫାମାନଙ୍କ ଉପରେ ଏଭଳି କୌଣସି ବିପତି ଆସି ନାହିଁ ଯେଉଁ ବିପତି ଦ୍ୱାରା ସେମାନେ ଭୟଭୀତ ହୋଇଥିବେ । ଯଦି ଆସିବି ଥାଏ ତେବେ ଅଲ୍ଲାଃ ତାଲା ସେମାନଙ୍କର ସେହି ବିପତିରୁ ଉଦ୍ଧାର କରିବାର ମାର୍ଗ ସମତୁଳ କରିଦେଇଥାନ୍ତି ଏବଂ ତାଙ୍କ ପାଇଁ ଶାନ୍ତିର ଅବସ୍ଥା ଅର୍ଥାତ ଉକ୍ତ ଭୟପ୍ରଦ ଅବସ୍ଥାକୁ ଶାନ୍ତିର ଅବସ୍ଥାରେ ରୂପାନ୍ତରିତ କରିଦେଇଥାନ୍ତି । ତହିଁରେ ସନ୍ଦେହର କୌଣସି ଅବକାଶ ନାହିଁ ହଜ୍‌ରତ୍ ଉମର୍ ର:ଅ ଶହୀଦ ହୋଇଥିଲେ କିନ୍ତୁ ଯେତେବେଳେ ଘଟଣାବଳୀଗୁଡ଼ିକୁ ଧ୍ୟାନପୂର୍ବକ ଦେଖାଯାଏ ତେବେ ଜଣାପଡ଼ିବ ଯେ, ହଜ୍‌ରତ୍ ଉମର୍ ର:ଅଙ୍କର ଉକ୍ତ ଶହାଦତ୍ ପ୍ରତି କୌଣସି ଭୟ ନଥିଲା । ସେ ଏଥିରେ ଦୁଃଖିଥ ନଥିଲେ ବରଂ ସେ ଅହରହ ଦୁଆ କରୁଥିଲେ ଯେ ହେ ପ୍ରଭୁ ମତେ ଶହାଦତ୍ ପ୍ରଦାନ କର । ମତେ ଏହି ଶହାଦତ୍‌ର ସୌଭାଗ୍ୟରେ ବିମଣ୍ଡିତ କର । ଅତଏବ ସେହି ବ୍ୟକ୍ତି ଯିଏ ନିଜର ସମଗ୍ର ଜୀବନ ଏହି ପ୍ରାର୍ଥନା କରିବାରେ ଅତିବାହିତ କରିଦେଇଥିଲା ଯେ, ହେ ଅଲ୍ଲାଃ ! ମତେ ଶହାଦତ୍ ପ୍ରଦାନ କରନ୍ତୁ, ସେ ଏହିଭଳି ଅବସ୍ଥାରେ ଅର୍ଥାତ ଶହୀଦ ହେବାରେ କାହିଁକି ଦୁଃଖ ପ୍ରକାଶ କରିବ ଅବା ସେଥିରେ ମନଉଣା କାହିଁକି କରିବ । ତାଙ୍କ ଉପରେ କୌଣସି ଭୟଙ୍କର ବିପତିର ଘଡ଼ି ଆସିନଥିଲା କିନ୍ତୁ ତାହାର ସେହି ଭୟପ୍ରଦ ପରିସ୍ଥିତିକୁ ଅଲ୍ଲାଃ ତାଲା ଶାନ୍ତିରେ ରୂପାନ୍ତରିତ କରିଦେଇଥିଲେ । ନିଃସନ୍ଦେହ ଯଦି ଏହା କୁହାଯାଏ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଶହାଦତ୍‌କୁ ଭୟ କରୁଥିଲେ ତେବେ ଯେତେବେଳେ ସେ ବୀରଗତି ପ୍ରାପ୍ତ କଲେ ସେତେବେଳେ ଏହା କୁହାଯାଇପାରିଥାନ୍ତା ଯେ ଅଲ୍ଲାଃ ତାଲା ତାଙ୍କର ଭୟକୁ ଶାନ୍ତିରେ ପରିଣତ କଲେନାହିଁ । କିନ୍ତୁ ଏହା ବିପରୀତ ସେ ଦୁଆ କରିଚାଲିଥିଲେ ଯେ, ହେ ପ୍ରଭୁ ! ମତେ ମଦିନାରେ ହିଁ ଶହାଦତ୍ ପ୍ରଦାନ କର । ଅତଏବ ହଜ୍‌ରତ୍ ଉମର୍ ର:ଅଙ୍କ ଶହାଦତ୍‌ରୁ ଏହା ପ୍ରମାଣିତ ହେଉଛି ଯେ, ଶହୀଦ ହେବାପାଇଁ ଭୟ ପ୍ରକାଶ କରୁନଥିଲେ ବରଂ ସେ ଏଥିପାଇଁ ଦୁଆ କରୁଥିଲେ । ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଉପରୋକ୍ତ ଆୟତ ଅନୁଯାୟୀ ତାଙ୍କ ଉପରେ ଏଭଳି କୌଣସି ଭୟ ଆସିନଥିଲା ଯଦ୍ୱାରା ତାଙ୍କ ହୃଦୟ ସଙ୍କୋଚ ଅନୁଭବ କରିଥାନ୍ତା ଏବଂ ଯେପରି ମୁଁ ଉକ୍ତ ଆୟତରେ ବର୍ଣ୍ଣନା କରିସାରିଛି ଯେ ଏହା ହିଁ ହେଉଛି ସେହି ଚର୍ଚ୍ଚା ଯେଉଁ କଥାକୁ ଖଲିଫାମାନେ କେବଳ ଭୟ ପ୍ରଦର୍ଶନ କରୁଥିଲେ ତାହା କେବେ ଘଟିପାରିବନାହିଁ । କାରଣ ଅଲ୍ଲାଃ ତାଲାଙ୍କ ପ୍ରତିଶୃତି ରହିଛି ଯେ, ସେ ନିଜ ପ୍ରୀୟଜନଙ୍କ ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ରୂପାନ୍ତରିତ କରିଦେବେ କିନ୍ତୁ ସେମାନେ ଯଦି କୌଣସି ଗୋଟିଏ କଥାକୁ ମୂଳ କରି ନିଜର ଆତ୍ମ ସମ୍ମାନ ତଥା ପ୍ରତିଷ୍ଠାର ମୂଳ କରି ନିଜର ଆତ୍ମସମ୍ମାନ ତଥା ପ୍ରତିଷ୍ଠାର ମୂଳ କାରଣ ରୂପେ ଗ୍ରହଣ କରନ୍ତି ତେବେ ସେ ପରିପ୍ରେକ୍ଷୀରେ ଏହାକୁ ଭୟ ବୋଲି କହିବା ଏବଂ ଏହା କହିବା ଯେ, ତାଙ୍କର ଭୟପ୍ରଦ ଅବସ୍ଥାକୁ କାହିଁକି ଶାନ୍ତିରେ ରୂପାନ୍ତରିତ କରିଦିଆଗଲା ନାହିଁ ଏହା ନିରର୍ଥକ ସାବ୍ୟସ୍ତ ହେବ । ଏକଥାକୁ ହୃଦୟଙ୍ଗମ କରିବା ଉଚିତ ।

ଉକ୍ତ ଆୟତରେ ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ମୁଁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଏହି ଦୁଆକୁ ପଢ଼ିଲି ସେତେବେଳେ ମୁଁ ନିଜ ମନରେ ଏହା କହିଲି ଯେ, ବାହ୍ୟିକ ରୁପେ ଦେଖିବାକୁ ଗଲେ ତହିଁରୁ ଏହା ପ୍ରତିତ ହେଉଛି ଯେ ଶତ୍ରୁପକ୍ଷ ମଦିନା ଉପରେ ଆକ୍ରମଣ କରୁ ଏବଂ ତା'ର ଆକ୍ରମଣ ଏତେ ଭୟଙ୍କର ଥିବ ଯେ ସମସ୍ତ ମୁସଲମାନମାନଙ୍କର ବିନାଶ କରିବ ଓ ପୁଣି

ଶତ୍ରୁ (ହଜରତ ଉମର୍ ର:ଅ) ଉପସ୍ଥିତ ଖଲିଫାଙ୍କ ନିକଟରେ ପହଂଚିବ ଓ ତାଙ୍କୁ ଶହୀଦ୍ କରିଦେବ । କିନ୍ତୁ ଅଲ୍ଲାଃ ତାଲା ହଜ୍‌ରତ୍ ଉମର୍ ର:ଅଙ୍କ ଦୁଆକୁ ମଧ୍ୟ ସ୍ୱୀକାର କରିଥିଲେ ଏବଂ ଏଭଳି ସମ୍ବଳ ପରିସ୍ଥିତି କରିଦେଇଥିଲେ ଯଦ୍ୱାରା ଇସ୍‌ଲାମ୍‌ର ସମ୍ମାନ ଓ ଗୌରବ ବଜାୟ ରହିଥିଲା । ସୁତରାଂ ମଦିନାରେ ବାହ୍ୟ ସୈନ୍ୟ ଶତ୍ରୁ ଆକ୍ରମଣ କରିବା ପରିବର୍ତେ ସେହି ମଦିନା ଭିତରୁ ହିଁ ଜଣେ ଖଳ ଓ ଦୁଷ୍ଟ ବ୍ୟକ୍ତି ଏପରି କାଣ୍ଡ କଲା ଏବଂ ଛୁରା ମାଡ଼ କରି ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରିଦେଲା” ***(ତଫ୍‌ସୀର୍ କବୀର, ଖଣ୍ଡ-୬, ପୃ-୩୭୮)***

ହଜ୍‌ରତ୍ ଉମର୍ ର:ଅଙ୍କ ଶହାଦତ୍‌କୁ ଭିତି କରି ଏହାର କାରଣମାନ ସମ୍ପର୍କରେ ବର୍ଣ୍ଣନା କରି ହଜରତ ମୁସ୍‌ଲେହ ମଉଦ ର:ଅ ଇସ୍‌ଲାମ୍ ଧର୍ମରେ କ୍ରୀତଦାସମାନଙ୍କର ସ୍ୱାଧୀନତା ସମ୍ପର୍କିତ ଇସ୍‌ଲାମୀୟ ଶିକ୍ଷା ସମ୍ପର୍କରେ ଉଲ୍ଲେଖ କରିଛନ୍ତି: ପ୍ରଥମତଃ ତୁମେ ଦାସମାନଙ୍କ ଉପରେ କୃପାନୁପୂର୍ବକ କୌଣସି କ୍ଷତିପୂରଣ ଧାର୍ଯ୍ୟ ନ କରି ସେମାନଙ୍କୁ ମୁକ୍ତ କରିଦିଅ । ଇସ୍‌ଲାମ୍‌ର ଏହି ଆଦେଶ ରହିଥିଲା । ପୁନଶ୍ଚ ଅଲ୍ଲାଃ ତାଲା ଏହା କହିଲେ ଯେ ତୁମେ ଯଦି ଏପରି କରିନପାର ତେବେ କ୍ଷତିପୂରଣ ଗ୍ରହଣ କରି ସେମାନଙ୍କୁ ମୁକ୍ତ କରିଦିଅ । ଏ ସବୁ ସତ୍ୱେ ଯଦି କୌଣସି ଦାସ ନିଜର କ୍ଷତିପୂରଣ ଦେଇ ନପାରେ ବା ସେ ଦେବାକୁ ଅସମର୍ଥ ଥାଏ ତେବେ ସେହିପରି ତା’ର ରାଷ୍ଟ୍ରମଧ୍ୟ ତାହାର କ୍ଷତିପୂରଣ କରିପାରିବ ଏବଂ ଯଦି ସେଥିରେ ମଧ୍ୟ ଅର୍ଥାତ ତା ଦେଶ କ୍ଷତି ପୂରଣ ନ କରେ ତେବେ ତାହାର ପରିଜନମାନେ ମଧ୍ୟ ତାହାକୁ ପୁରଣ କରିପାରିବେ କିନ୍ତୁ ଯଦି ତାହା ମଧ୍ୟ ନ ହୁଏ ତେବେ ଏପରି କ୍ଷେତ୍ରରେ ସେ ନୋଟିସ୍ ଦେଇ ନିଜର କ୍ଷତିପୂରଣ କିସ୍ତି ଆକାରେ ଦେବା ପାଇଁ ସମୟ ଧାର୍ଯ୍ୟ କରିପାରେ ଅର୍ଥାତ ସେ ନିଜର କିସ୍ତି ପୂରଣ କରି ନିଜକୁ ସ୍ୱାଧିନ କରିପାରେ । ଏହାପରେ ସେହି କଏଦୀ ନିଜର କ୍ଷତିପୁରଣ କିସ୍ତି ଧାର୍ଯ୍ୟ କରିପାରିବ ଏଭଳି ପରିସ୍ଥିତିରେ ତାହାର ରୋଜଗାରର ଅର୍ଥରେ ଅର୍ଥାତ ସେ ନିଜେ ରୋଜଗାର କରି ଏହି ଧାର୍ଯ୍ୟ ଟିକସକୁ ସେ ପୂରଣ କରିପାରିବ ଏବଂ ନିଜକୁ ସ୍ୱାଧିନ କରିପାରିବ । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କୁ ଏହିଭଳି ଜଣେ ଦାସ ଶହୀଦ କରିଥିଲା ଯାହା ସହିତ ପାରସ୍ପରିକ ବାର୍ତାଳାପ ହୋଇଥିଲା ଯେ, ଦାସ ଯେଉଁ ମୁସଲମାନ ନିକଟରେ ରହୁଥିଲା ତାକୁ ଦିନେ କହିଲା କି ମୋର ଏତିକି ସାମର୍ଥ୍ୟ ରହିଛି ଯେ ଆପଣ ମୋ ଉପରେ କ୍ଷତିପୂରଣ ଧାର୍ଯ୍ୟ କରିଦିଅନ୍ତୁ ଯାହାକୁ ମୁଁ ମାସିକ କିସ୍ତି ଆକରରେ ଧିରେ ଧିରେ କରି କ୍ଷତିପୂରଣ ବାବଦରେ ପଇଠ କରିଦେବି ଏବଂ ନିଜକୁ ସ୍ୱାଧିନ କରିନେବି । ସେ ନିଜ ପାଇଁ ଏକ ସାମାନ୍ୟ କିସ୍ତି ଧାର୍ଯ୍ୟ କରିଥିଲା ଓ ସେହି କିସ୍ତିକୁ ସେ ପଇଠ କରିଚାଲିଥିଲା । ଏକଦା ହଜ୍‌ରତ୍ ଉମର୍ ର:ଅ ତାହାର ଆୟ ସମ୍ପର୍କରେ ସନ୍ଧାନ ପାଇବାରୁ ଜଣାପଡ଼ିଲା ଯେ, ତାହା ତ ତା’ର ଆୟଠାରୁ ଖୁବ୍ କମ୍ ଧାର୍ଯ୍ୟ କରାଯାଇଛି ତେଣୁ ହଜ୍‌ରତ୍ ଉମର୍ ର:ଅ ଏହା ନିଷ୍ପତି ଦେଲେ ଯେ ଏଭଳି ଆୟ ତୁଳନାରେ ତୁମର ମାସିକ କିସ୍ତି ଅତ୍ୟନ୍ତ ନଗଣ୍ୟ ତେଣୁ ସେ ଏହାକୁ ଅଧିକ ବଢ଼ାଇ ଦେଇଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ଏଭଳି ନିଷ୍ପତି ଯୋଗୁଁ ସେ ଅତ୍ୟନ୍ତ ରୁଷ୍ଟ ଓ କ୍ରୋଧିତ ହୋଇଯାଇଥିଲା ଏବଂ ନିଜ ମନରେ ଏହି ଭାବନା ପୋଷଣ କରିଥିଲା ଯେ, ମୁଁ ଇରାନୀୟ ନାଗରିକ ହୋଇଥିବାରୁ ମୋ ପ୍ରତି ଏଭଳି ଅନ୍ୟାୟ କରାଯାଇଛି । ମୋର ମାଲିକ ଜଣେ ଆରବୀୟ ବ୍ୟକ୍ତି ହୋଇଥିବାରୁ ତା’ପ୍ରତି ନମ୍ର ଓ ସରଳତା ପ୍ରଦର୍ଶନ କରାଯାଇଛି ଏବଂ ତା ପକ୍ଷରେ ବିଚାର କରାଯାଇଛି ସୁତରାଂ ଏହି କ୍ରୋଧର ନିଆଁରେ ତା ପରଦିନ ହିଁ ହଜ୍‌ରତ୍ ଉମର୍ ର:ଅଙ୍କ ଉପରକୁ ଛୁରୀ ମାଡ଼ କରି ଅର୍ଥାତ ଆକ୍ରମଣ କରି ହଜୁରଙ୍କୁ ଆହତ ଓ କ୍ଷତାକ୍ତ କରିଦେଇଥିଲା ଯଦ୍ୱାରା ହଜ୍‌ରତ୍ ଉମର୍ ର:ଅଙ୍କ ଶହାଦତ୍ ହୋଇଥିଲା । ***(ଇସ୍‌ଲାମ୍ କା ଇକ୍‌ତିସାଦି ନିଜାମ୍, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୨୮-୨୯)***

ଉକ୍ତ ଘଟଣା ସମ୍ପର୍କରେ ଅତିରିକ୍ତ ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି; ଏହି ସଂସାରରେ ଦୁଇଟି ବସ୍ତୁ ମନୁଷ୍ୟକୁ ମାର୍ଗରୁ ଅର୍ଥାତ ସତ୍‌ପଥରୁ ବିଚ୍ୟୁତ କରିବାର କାରଣ ସାଜିଥାଏ ଗୋଟିଏ ହେଲା ଅତ୍ୟନ୍ତ ବୈରାଗ୍ୟ ଓ ବିଦ୍ୱେଷାତ୍ମକ ଭାବ ଓ ଆରଟି ହେଲା ଅତ୍ୟନ୍ତ ପ୍ରେମାତ୍ମକ ଭାବ । ଅତ୍ୟନ୍ତ ବୈରାଗ୍ୟ ଜନିତ ବିଦ୍ୱେଷାତ୍ମକ ଭାବ ବେଳେବେଳେ ସାମାନ୍ୟ କଥା ଓ ଘଟଣାକୁ କେନ୍ଦ୍ର କରି ଉପୁଜିଥାଏ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଘଟିଥିବା ଏହି ଘଟଣାକୁ ଦେଖ ଏକ ସାଧାରଣ ଘଟଣା ଥିଲା କିନ୍ତୁ ଏହା ଯୋଗୁଁ ଏହି ବୈରାଗ୍ୟ ଓ ଦ୍ୱେଷାତ୍ମକ ଭାବ ବୃଦ୍ଧି ଘଟିଥିଲା ଯାହା ଇସ୍‌ଲାମୀୟ ସଂସାରର କେତେବଡ଼ ଅଘଟଣ ଓ ଅପୁରଣୀୟ କ୍ଷତି ଘଟାଇଥିଲା । ମୁଁ ଭାବୁଛି ଯେ, ଉକ୍ତ ଘଟଣାର ପ୍ରଭାବ ଏପର୍ଯ୍ୟନ୍ତ ଚାଲି ଆସୁଛି । ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଏକ ମୋକଦ୍ଦମା ତାଙ୍କ ନିକଟକୁ ଆସିଲା ଯେ ଜଣେ ଲୋକର ଗୁଲାମ୍ (ଦାସ) ବହୁତ ଅର୍ଥ ଉପାର୍ଜନ କରୁଥିଲା କିନ୍ତୁ ସେ ନିଜ ମାଲିକକୁ ଖୁବ୍ କମ୍ ରାଶି ପଇଠ କରୁଥିଲା । ହଜ୍‌ରତ୍ ଉମର୍ ର:ଅ ସେହି ଦାସକୁ ଡ଼କାଇଲେ ଏବଂ କହିଲେ ତୁମେ ନିଜ ମାଲିକକୁ ଅଧିକ ଟଙ୍କା ଦିଅ । ସେ କାଳରେ ଯଦିଓ ବୃତିପୋଷଣକାରୀଙ୍କ ସଂଖ୍ୟା କମ୍ ଥିଲା ତେଣୁ କମାର ଓ ବଢ଼େଇମାନଙ୍କର ଚାହିଦା ବେଶ୍ ଅଧିକ ରହିଥିଲା । ସେହି ଗୁଲାମ୍ (କ୍ରୀତଦାସ) ଅଟା ପେଶିବାପାଇଁ ଚକି ପ୍ରସ୍ତୁତ କରୁଥିଲା ଏବଂ ଏହିପରି ଭାବରେ ସେ ଅଧିକ ଅର୍ଥ ଉପାର୍ଜନ କରୁଥିଲା । ହଜ୍‌ରତ୍ ଉମର୍ ର:ଅ ସେହି ଦାସକୁ ସାଢ଼େ ତିନିଅଣା ନିଜ ମାଲିକ ନିକଟରେ ପଇଠ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଦେଖନ୍ତୁ ତାହା କେତେ ମାମୁଲି ଅର୍ଥ ଥିଲା କିନ୍ତୁ ତା’ର ପରିଣାମ କ’ଣ ହୋଇଥିଲା ସେହି ଦାସ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କରେ ଏହି ଧାରଣା ପୋଷଣ କରିଥିଲା ଯେ କାଳେ ହଜ୍‌ରତ୍ ଉମର୍ ର:ଅ ତା ବିପକ୍ଷରେ ଭୁଲ ନିଷ୍ପତି କରିଛନ୍ତି ଓ ତା ଉପରେ ଅନ୍ୟାୟ ଅତ୍ୟାଚାର ହୋଇଛି । ଫଳତଃ ତା ମନରେ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରତି ବୈରାଗ୍ୟ ଭାବ ବୃଦ୍ଧି ପାଇଥିଲା । ଏକଦା ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଥିଲେ ଯେ, ଆମ ପାଇଁ ମଧ୍ୟ ଗୋଟିଏ ଚକି ତିଆରି କରିଦିଅ ପ୍ରତ୍ୟୁତରରେ ସେ କହିଲା ଯେ ମୁଁ ଆପଣଙ୍କ ପାଇଁ ଏଭଳି ଏକ ଚକି ପ୍ରସ୍ତୁତ କରିଦେବି ଯାହା ଭଲ ରୂପେ କାର୍ଯ୍ୟ କରିବ । ଏପରି କହିବାର ଶୁଣି ହଜ୍‌ରତ୍ ଉମର୍ ର:ଅଙ୍କୁ ଜଣେ ବ୍ୟକ୍ତି କହିଲେ, ଯେ କି ସେଠାରେ ଉପସ୍ଥିତ ଥିଲେ, ଯେ ଇଏ ତ ଆପଣଙ୍କୁ ଖୋଲା ଖୋଲି ଭାବରେ ଧମକ ଦେଉଛି । ଏହା ସେହି ପ୍ରଥମ ଘଟଣା ସହିତ ମିଶିଯାଉଛି ବା ସେହି ଘଟଣା ସହିତ ମେଳଖାଉଛି । ଅତଏବ ପ୍ରଥମ ବର୍ଣ୍ଣନାରେ ହଜ୍‌ରତ୍ ଉମର୍ ର:ଅ ସ୍ୱୟମ କହିଥିଲେ ଯେ, ଏହି ଦାସଟି ମତେ ଧମକ ଦେଉଛି ସେହି ବ୍ୟକ୍ତିର କଥନର ଶୈଳିଟି ଧମକ ପୂର୍ଣ୍ଣ ଥିଲା । ପରିଶେଷରେ ଦିନେ ହଜ୍‌ରତ୍ ଉମର୍ ର:ଅ ନମାଜ ପାଠ କରୁଥିବା ସମୟରେ ଉକ୍ତ ଦାସଜଣକ ଆପଣଙ୍କ ଉପରକୁ ଛୁରୀରେ ଅର୍ତକିତ ଭାବରେ ଆକ୍ରମଣ କରିଥିଲା ଏବଂ ଆପଣଙ୍କୁ ହତ୍ୟା କରିଦେଇଥିଲା । ହଜରତ ମୁସ୍‌ଲେହ ମଉଦ ର:ଅ ଉଲ୍ଲେଖ କରିଛନ୍ତି: ସେହି ଉମର ଯିଏ କୋଟି କୋଟି ଲୋକମାନଙ୍କ ସମ୍ରାଟ ଥିଲେ, ଯିଏ ବ୍ୟାପକ ରାଷ୍ଟ୍ରର ଶାସକ ଥିଲେ, ଯିଏ ମୁସଲମାନମାନଙ୍କର ସର୍ବୋକୃଷ୍ଟ ମାର୍ଗଦର୍ଶକ ଥିଲେ ତାଙ୍କୁ ସାଢ଼େ ତିନିଅଣା ପାଇଁ ହତ୍ୟା କରିଦିଆଗଲା କିନ୍ତୁ ପ୍ରକୃତ କଥାଟି ହେଉଛି ଏହା କି ଯେଉଁ ବ୍ୟକ୍ତିମାନଙ୍କ ସ୍ୱଭାବ କୁଟୀଳ ଯେଉଁ ବ୍ୟକ୍ତିମାନଙ୍କ ସ୍ୱଭାବରେ ବୈରାଗ୍ୟ ଓ ଦ୍ୱେଷାତ୍ମକ ଭାବ ରହିଛି ସେମାନେ ମନୁଷ୍ୟ ଜୀବନର ମୂଲ୍ୟକୁ ଦେଖନ୍ତି ନାହିଁ । ସେମାନେ ସାଢ଼େ ତିନିଅଣାକୁ ମଧ୍ୟ ଦେଖନ୍ତି ନାହିଁ ସେମାନେ କେବଳ ପ୍ରତିଶୋଧ ପରାୟଣ ହୋଇ ନିଜର ତୃଷ୍ଣାକୁ ମେଂଟାଇବା ପାଇଁ ଏଭଳି ବର୍ବର କାଣ୍ଡ ଭିଆଇଥାନ୍ତି । ସେମାନେ ଏଭଳି ପରିସ୍ଥିତିରେ ଏହା ଦେଖନ୍ତି ନାହିଁ ଯେ ଆମମାନଙ୍କ ପାଇଁ ଓ ଅନ୍ୟମାନଙ୍କ ପାଇଁ ଏହାର ପରିଣାମ କ’ଣ ହେବ । ହଜ୍‌ରତ୍ ଉମର୍ ର:ଅଙ୍କ ହତ୍ୟାକାରୀଙ୍କୁ ଯେତେବେଳେ ପଚରାଗଲା ଯେ ତୁମେ ଏଭଳି ମୂର୍ଖାମି କାହିଁକି କଲ, ଏଭଳି ଜଘନ୍ୟ କାଣ୍ଡ କାହିଁକି କଲ? ପ୍ରତ୍ୟୁତରରେ ସେ କହିଲା ହଜ୍‌ରତ୍ ଉମର୍ ର:ଅ ମୋ ବିରୁଦ୍ଧରେ ନିର୍ଣ୍ଣୟ ଦେଇଥିଲେ ତେଣୁ ମୁଁ ଏଭଳି ପ୍ରତିଶୋଧ ନେଇଛି ।

ଆଲୋଚ୍ୟ ବିସ୍ତୃତ ବିବରଣୀଟି ପୂର୍ବେ କେଉଁଠାରେ ବର୍ଣ୍ଣିତ ହୋଇନାହିଁ ଅର୍ଥାତ ତା’ର ଏଭଳି ଉତର ଦେବା ଅନ୍ୟ କୌଣସି ଠାରେ ଉଲ୍ଲେଖ ନାହିଁ । ସମ୍ଭବତଃ ହତ୍ୟାକାରୀ ନିଜକୁ ହତ୍ୟା କରିବା ପୂର୍ବରୁ ଅର୍ଥାତ ନିଜର ଆତ୍ମହତ୍ୟା କରିବା ପୂର୍ବରୁ, ଧରା ପଡ଼ିବା ସମୟରେ ଏଭଳି କହିଥାଇପାରେ ଯେ ମୁଁ ଏଥିପାଇଁ ହଜ୍‌ରତ୍ ଉମର୍ ର:ଅଙ୍କୁ ହତ୍ୟା କରିଛି । ହଜରତ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି; ମୁଁ ଏହି ଯନ୍ତ୍ରଣାଦାୟକ ଘଟଣାର ଚର୍ଚ୍ଚା କରି କହିଛି । ଏହାର ଇସ୍‌ଲାମ୍ ଉପରେ ଆଜି ପର୍ଯ୍ୟନ୍ତ ପ୍ରଭାବ ରହିଛି ଅର୍ଥାତ ଇସ୍‌ଲାମ୍ ଏହାର କ୍ଷତି ସହ୍ୟ କରିଚାଲିଛି । ମୃତ୍ୟୁ ତ ସର୍ବଦା ମନୁଷ୍ୟ ସହିତ ଲାଗି ରହିଛି କିନ୍ତୁ ଏଭଳି ପରିସ୍ଥିତିରେ ମୃତ୍ୟୁ ଆସିବାର କେହି ଅନୁମାନ ମଧ୍ୟ କରିନଥାନ୍ତି ଯେ ଜଣକ ନିକଟରେ ବଳ ଓ ଶକ୍ତି ଥିବା ସମୟରେ ତା’ର ମୃତ୍ୟୁ ହେବ ବୋଲି । କିନ୍ତୁ ଯେତେବେଳେ ତାହାର ବଳ ଓ ଶକ୍ତି ଦୁର୍ବଳ ହୋଇଯାଏ ଓ ସ୍ୱାସ୍ଥ୍ୟବସ୍ଥାରେ ଅବନତୀ ଘଟେ ସେତେବେଳେ ଲୋକମାନଙ୍କ ମସ୍ତିଷ୍କରେ ଏହି କଥାଟି ଉଦ୍ରେଗ ହୋଇଥାଏ ଓ ଆସନ୍ତା ଭବିଷ୍ୟତ ପାଇଁ ଲୋକେ ଚିନ୍ତା କରିଥାନ୍ତି ଓ ସେତେବେଳେ ସେମାନେ ସର୍ତକ ହୋଇଥାନ୍ତି କାରଣ ହଜ୍‌ରତ୍ ଉମର୍ ର:ଅ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଏବଂ ତାଙ୍କର ଜରାବସ୍ଥା ଆସିନଥିଲା ତାଙ୍କୁ ସେତେବେଳେ ମାତ୍ର ୬୩ ବର୍ଷ ବୟସ ହୋଇଥିଲା କିନ୍ତୁ ସାହାବାମାନଙ୍କ ମନରେ ଏହି କଥା କେବେ ବି ନଥିଲା ଯେ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କଠାରୁ ଏତେ ଶିଘ୍ର ବିଦାୟ ନେଇଯିବେ । ତେଣୁ ମୁସଲମାନମାନେ ଆଗାମୀ ବ୍ୟବସ୍ଥାଠାରୁ ସମ୍ପୁର୍ଣ୍ଣ ରୂପେ ଅବଚେତନ ଓ ଅଜ୍ଞ ଥିଲେ କି ହଠାତ୍ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ଏଭଳି ଆତ୍ମଘାତି ଆକ୍ରମଣ ହେଲା ଓ ତାଙ୍କର ମୃତ୍ୟୁ ହୋଇଗଲା । ତେଣୁ ସାହାବାମାନେ ସେତେବେଳେ ଅନ୍ୟ ଇମାମ୍‌ଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ଏପରି ଘଟଣା ଘଟିଯିବ ବୋଲି କେବେ ବି ସେମାନେ ଆଶା କରିନଥିଲେ ମାନସିକ ରୂପେ ସେମାନେ ପ୍ରସ୍ତୁତ ନଥିବାରୁ ଫଳାଫଳ ଏହା ହେଲା ଯେ ହଜରତ ଉସମାନ୍ ର:ଅଙ୍କ ପ୍ରତି ଯେଉଁ ପ୍ରକାରର ଶ୍ରଦ୍ଧା ଓ ପ୍ରେମ ରହିବା କଥା ତାହା ହୋଇପାରିଲା ନାହିଁ । ଏହି କାରଣରୁ ଇସ୍‌ଲାମ୍ ପାଇଁ ଏଭଳି ଅଭାବନୀୟ ଓ ଅକଳ୍ପନୀୟ ଦୁରାବସ୍ଥା ଆସିଗଲା ଏବଂ ହଜରତ ଅଲୀ ର:ଅଙ୍କ ସମୟରେ ମଧ୍ୟ ଆହୁରି ଅଧିକ ଦୁଃଖଦ ପୂର୍ଣ୍ଣ ହୋଇଥିଲା ।

***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୧, ପୃ-୨୪୦-୨୪୧)***

ପରେ ଯେଉଁ ବିଭ୍ରାଟ ସୃଷ୍ଟି ହେଲା ତାହା ମଧ ଏକ କାରଣ ହୋଇଥାଇପାରେ ବୋଲି ହଜରତ ମୁସ୍‌ଲେହ ମଉଦ୍ ର:ଅ ବତାଇଛନ୍ତି ।

ତେଣୁ ଉପଦ୍ରବ ସମୟରେ କିଛି ଲୋକ ନମାଜ ପାଠ କରାଯାଉଥିବା ବେଳେ ସୁରକ୍ଷା ପାଇଁ ଛିଡ଼ା ହେବା ଆବଶ୍ୟକ ସୁରକ୍ଷା ଦୃଷ୍ଟିକୋଣରୁ ଏହା ଜରୁରୀ । ଏକଥା ମଧ୍ୟ ହଜରତ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି ଏବଂ ଏ ସମ୍ବନ୍ଧରେ ହଜରତ ଉମର ର:ଅଙ୍କ ଶହୀଦ୍ ହେବା ଘଟଣାକୁ ବର୍ଣ୍ଣନା କରି ଆପଣ ର:ଅ କୁହନ୍ତି ପବିତ୍ର କୁର୍‌ଆନେ୍ କରିମ୍‌ରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଏବଂ ଏହି ଆଦେଶ ରହିଛି ଯେ, ନମାଜ ସମୟରେ ଅର୍ଥାତ ମୁସଲମାନମାନେ ଯେତେବେଳେ ନମାଜ ପାଠ କରୁଥିବେ ସେତେବେଳେ ଅର୍ଦ୍ଧେକ ମୁସଲମାନ ନମାଜ ପାଠକାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ଉଚିତ । ଯଦିଚ ଏହା ଯୁଦ୍ଧ ସମୟର ଆଦେଶ ଅର୍ଥାତ ଯୁଦ୍ଧ ସମୟରେ ଏଭଳି କରିବାର ନିର୍ଦ୍ଦେଶ ରହିଥିଲା ତେବେ ଏଥିରୁ ସାବ୍ୟସ୍ତ ହେଉଛି ଯେ, ଛୋଟ ଛୋଟ ଉପଦ୍ରବକୁ ପ୍ରତିଘାତ କରିବାପାଇଁ କେତେକ ବ୍ୟକ୍ତିଙ୍କୁ ନମାଜ ସମୟରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବା ଉଚିତ ଏଥିରେ କୌଣସି ଆପତିର କଥା ନାହିଁ । ଏହା କରିବା ଅନିବାର୍ଯ୍ୟ । ହଜରତ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯୁଦ୍ଧ ସମୟରେ ଏକହଜାର ମୁସଲମାନମାନଙ୍କ ମଧ୍ୟରୁ ୫୦୦ ଜଣକୁ ସୁରକ୍ଷା ପାଇଁ ଛିଡ଼ା କରାଯାଏ ଅର୍ଥାତ ଗୋଟିଏ ଦଳ ନମାଜ ପାଠ କରୁଥିବା ବେଳେ ଅନ୍ୟ ଦଳଟି ଶତ୍ରୁର ମୁକାବିଲା କରିଥାଏ ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଥାନ୍ତି । ତେବେ ସାଧାରଣ ତଥା ସାମାନ୍ୟ ପରିସ୍ଥିତିରେ ଏକ ହଜାର ଲୋକଙ୍କ ମଧ୍ୟରୁ ମାତ୍ର ଦଶ ପାଂଚଜଣ ଲୋକଙ୍କୁ କ'ଣ ସୁରକ୍ଷା ସକାଶେ ଛିଡ଼ା କରାଯାଇପାରିବ ନାହିଁ ? ତେଣୁ ଏହା କହିବା କି ବିପଦ ସୁନିଶ୍ଚିତ ସମ୍ପୂର୍ଣ୍ଣ ରୂପେ ନିରର୍ଥକ । ହଜ୍‌ରତ୍ ଉମର୍ ର:ଅଙ୍କ ସହିତ କଣ ଘଟିଲା ? ସେ ନମାଜ ପଢୁଥିବା ସମୟରେ ମୁସଲମାନମାନେ ନମାଜରେ ମଗ୍ନ ଥିବା ସମୟରେ ଜଣେ ହତଭାଗ୍ୟ ଦୁର୍ଜନ ବ୍ୟକ୍ତି ଏହିଭଳି ବର୍ବର କାଣ୍ଡ ଘଟାଇଥିଲା । ସେ ମନେ କରିଥିଲା ଯେ ଏହା ହିଁ ଆକ୍ରମଣ କରିବାର ଉଚିତ ସମୟ କାରଣ ଏତେବେଳେ ତାଙ୍କୁ ଅର୍ଥାତ ଯାହାକୁ ସେ ଆକ୍ରମଣ କରି ହତ୍ୟା କରିବାକୁ ଚାହୁଁଛି ତା'ର ସୁରକ୍ଷା ପାଇଁ କେହି ମୁତୟନ ନାହାନ୍ତି ତେଣୁ ସେ ଆଗକୁ ଅଗ୍ରସର ହେଲା ଓ ଛୁରୀ ମାଡ଼ କରି ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରିଦେଲା । ଅତଏବ ଉକ୍ତ ଘଟଣା ପରେ ବି ଯଦି କୌଣସି ବ୍ୟକ୍ତି ଏହା କୁହେ କି ନମାଜ ସମୟରେ ଅଙ୍ଗରକ୍ଷୀ ନିୟୋଜିତ କରିବା ନମାଜର ନୀତି କିମ୍ବା ଗାରିମାର ବିରୋଧ କାର୍ଯ୍ୟ ତା'ହେଲେ ଏଭଳି ପ୍ରଶ୍ନ ଉପସ୍ଥାପିତ କରୁଥିବା ବ୍ୟକ୍ତି ହେଉଛି ମୂର୍ଖ ଓ ଏହା ମୂର୍ଖାମୀର ପରିଚୟ । ଏହାର ଦୃଷ୍ଟାନ୍ତ ସେହି ମୂର୍ଖପରି ଅଟେ ଯିଏ ଯୁଦ୍ଧରେ ସାମିଲ ହେଲା ଏବଂ ତାକୁ ଗୋଟିଏ ତୀର ଆସି ବାଜିଲା ଯଦ୍ଦ୍ୱାରା ତା ଶରିରରୁ ରକ୍ତକ୍ଷରିତ ହେବାକୁ ଲାଗିଲା ତେଣୁ ସେ ଯୁଦ୍ଧ ଭୁମିରୁ ପଳାୟନ କଲା ଏବଂ ରକ୍ତ ପୋଛି ଏହା କହୁଥିଲା ଯେ ହେ ଅଲ୍ଲାଃ ! ମୋ ଶରିରରେ ଯେଉଁ ତୀର ଆସି ବାଜିଛି ତାହା ସ୍ୱପ୍ନ ହେଉ ବାସ୍ତବ ନ ହେଉ । ଇତିହାସରୁ ଏହା ମଧ ପ୍ରମାଣିତ ଯେ ଏକ ଅବସରରେ ସାହାବାମାନେ ନିଜ ସୁରକ୍ଷାର ବ୍ୟବସ୍ଥା କରିନଥିଲେ ଫଳତଃ ସେମାନଙ୍କୁ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା ସୁତରାଂ ହଜରତ ଉମର୍ ବିନ୍ ଆସ ଯେତେବେଳେ ମିଶର ବିଜୟ ପାଇଁ ଗଲେ ଏବଂ ସେହି ଅଂଚଳକୁ ବିଜୟ କରିନେଲେ ସେତେବେଳେ ସେମାନେ ନମାଜ ପାଠ କରୁଥିଲେ ଯେ, ନମାଜ ପଢ଼ିବା ସମୟରେ ସୁରକ୍ଷାର କୌଣସି ବ୍ୟବସ୍ଥା କରିନଥିଲେ ତେଣୁ ଶତ୍ରୁମାନେ ଯେତେବେଳେ ଉମର୍ ବିନ୍ ଆସଙ୍କ ଏଭଳି ଆଚରଣ ଦେଖିଲେ ଯେ ମୁସଲମାନମାନେ ନମାଜର ସିଜ୍‌ଦା ସମୟରେ ସମ୍ପୂର୍ଣ୍ଣ ରୂପେ ଅବଚେତନ ତଥା ନିଶ୍ଚିନ୍ତ ରହୁଛନ୍ତି ସେତେବେଳେ ସେମାନେ ଏହି ସୁଯୋଗର ଫାଇଦା ଉଠାଇ ନିଜର ତରବାରୀ ଦ୍ୱାରା ମୁସଲମାନମାନଙ୍କର ସ୍କନ୍ଦଚ୍ୟୁତ କରିଦେଇଥିଲେ । ଇତିହାସରୁ ଏହା ପ୍ରମାଣ ମିଳୁଛି ଯେ ସେଦିନ ଶତାଧିକ ସାହାବାମାନେ ନିଜର ପ୍ରାଣ ହରାଇଥିଲେ ଏବଂ ନୀହତ ହୋଇଥିଲେ, ଅନେକ ଆହତ ହୋଇଥିଲେ, ଭୂମି ଉପରେ ଗୋଟିକ ପରେ ଗୋଟିଏ ମୁଣ୍ଡ ଗଡ଼ିପଡ଼ିଥିଲା । ପୁଣି ଦ୍ୱିତୀୟ ପରେ ତୃତୀୟ ଏବଂ ସାହାବମାନେ ଏକଥା ବୁଝି ପାରୁନଥିଲେ ଯେ, କ'ଣ ଘଟିଚାଲିଛି ? ଏହିପରି ମୁସଲମାନ ସୈନିକଙ୍କୁ ବିପୁଳ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସୁଚନା ମିଳିଲା ସେତେବେଳେ ହଜରତ ଉମର୍ ବିନ୍ ଆସ ର:ଅଙ୍କ ଉପରେ ଆପଣ ଅତ୍ୟନ୍ତ ବିରକ୍ତ ହୋଇଥିଲେ ଏବଂ କହିଥିଲେ ଯେ, କ'ଣ ତୁମକୁ ଜ୍ଞାତ ନଥିଲା ଯେ ତୁମକୁ ମୁସଲମାନମାନଙ୍କ ସୁରକ୍ଷାର ବ୍ୟବସ୍ଥା କରିବା ଉଚିତ । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କୁ ମଧ କ'ଣ ବା ଜଣାଥିଲା ଯେ ମଦିନାରେ ମଧ ତାଙ୍କ ସହିତ ଏଭଳି ଅଘଟଣ ଘଟିବ । ସୁତରାଂ ଉକ୍ତ ଘଟଣା ପରେ ସାହାବାମାନେ ଏହି ବ୍ୟବସ୍ଥା କରିଥିଲେ ସେମାନେ ଯେତେବେଳେ ନମାଜ ପଢୁଥିଲେ ସେତେବେଳେ ସେମାନେ ସୁରକ୍ଷା ଦୃଷ୍ଟିରୁ ନିଜର ସୁରକ୍ଷା ନିମନ୍ତେ ପ୍ରହରୀ ମୃତୟନ କରିଥିଲେ" । ***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୬, ପୃ-୬୮-୬୯)***

ହଜ୍‌ରତ୍ ଉମର୍ ର:ଅଙ୍କ ଋଣ ଓ କରଜ ସମ୍ପର୍କରେ ମୁଁ ପୂର୍ବେ ମଧ ଚର୍ଚ୍ଚା କରିଛି ଯେ, ଆପଣ ର:ଅ ଶହାଦତ୍ ପୂର୍ବରୁ ନିଜ ପୁତ୍ରକୁ ପଚାରିଥିଲେ, ନିଜର ଋଣ ସମ୍ପର୍କରେ ଯେ ହେ ମୋର ପୁତ୍ର ଅବ୍‌ଦୁଲ୍ଲାଃ ! ମୋ ଉପରେ କେତେ ଋଣଭାର ରହିଛି ? ସେ ହିସାବ କରି କହିଥିଲେ ଯେ, ୮୬ ହଜାର ଦିର୍‌ହମ୍ । ହଜ୍‌ରତ୍ ଉମର୍ ର:ଅ କହିଲେ ହେ ମୋର ପୁତ୍ର ଅବ୍‌ଦୁଲ୍ଲାଃ ! ଯଦି ଆଲେ ଉମର୍ ଅର୍ଥାତ ଉମରଙ୍କ ଜ୍ଞାତିକୁଟୁମ୍ବଙ୍କ ଧନସମ୍ପତି ଏଥିପାଇଁ ଯଥେଷ୍ଟ ହୋଇଯାଏ ତେବେ ସେମାନଙ୍କ ଅର୍ଥରୁ ମୋର ଋଣ ପରିଶୋଧ କରିଦେବ ଏବଂ ଯଦି ସେମାନଙ୍କ ଅର୍ଥ ଯଥେଷ୍ଟ ନ ହୁଏ ତେବେ ବନୁ ଅଦି ବିନ୍ କାଆବ୍‌ଙ୍କଠାରୁ ଟଙ୍କା ମାଗିବ । ସେମାନଙ୍କ ଧନ ବି ଯଦି ମୋର ଋଣ ପରିଶୋଧ ନ କରିପାରେ ତେବେ କୁରୈଶ୍‌ଙ୍କୁ ମାଗିବ । ଏମାନଙ୍କ ଟଙ୍କା ମଧ ଯଦି ମୋର ଋଣକୁ ପରିଶୋଧ ନ କରିପାରେ ତେବେ ଆଉ କାହାରିକୁ ଟଙ୍କା ମାଗିବନାହିଁ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୫୭, ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା)***

ସାହାବାମାନେ ଜାଣିଥିଲେ ଯେ ଆମର ଏହି ସରଳ ଜୀବନଯାପନ କରୁଥିବା ଇମାମ୍ ଏତେ ବଡ଼ ଅର୍ଥରାଶିକୁ ନିଜ ଉପରେ ଖର୍ଚ୍ଚ କରିନାହାନ୍ତି । ସେମାନେ ଏହା ମଧ ଜାଣିଥିଲେ ଯେ, ଏତେ ମୋଟା ଅଙ୍କର ଅର୍ଥ ସେ ଅଭାବି ଓ ଦରିଦ୍ରମାନଙ୍କ ଉପରେ ହିଁ ଖର୍ଚ୍ଚ କରିଦେଇଛନ୍ତି ଯଦ୍ଦ୍ୱାରା ଏଭଳି ପର୍ବତ ପରି କରଜ ତାଙ୍କ ମୁଣ୍ଡ ଉପରେ ରହିଯାଇଛି । ତେଣୁ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, ଆପଣ ବୟତୁଲ୍ ମାଲ୍‌ରୁ ଋଣ ନେଇ ନିଜର କରଜ ପରିଶୋଧ କରିଦିଅନ୍ତୁ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ମାଆଜଲ୍ଲାଃ ଅର୍ଥାତ ମୁଁ ପ୍ରଭୁଙ୍କ ଶରଣ ଭିକ୍ଷା କରୁଛି କ'ଣ ତୁମେ ଏହା ଚାହୁଁଛ ଯେ, ତୁମେ ଓ ତୁମର ସାଥିମାନେ ମୋ ଅନ୍ତେ ଏହା କହିବେ ଯେ ଆମେ ତ ନିଜର ଭାଗ ହଜ୍‌ରତ୍ ଉମର୍ ର:ଅଙ୍କ ପାଇଁ ଛାଡ଼ିଦେଲୁ । ତୁମେ ବର୍ତମାନ ମତେ ସାନ୍ତ୍ୱନା ତ ଦେଇ ଦେଇଛି କିନ୍ତୁ ମୋ ପରେ ଏଭଳି ବିପତି ଓ ଭାଳେଣି ପଡ଼ିବ ଯେ, ତହିଁରୁ ନିସ୍ତାର ମିଳିବା ବ୍ୟତିତ ମୋ ନିକଟରେ ଅନ୍ୟ କୌଣସି ଉପାୟ ନଥିବ । ହଜ୍‌ରତ୍ ଉମର୍ ର:ଅ ନିଜର ସୁପୁତ୍ର ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କୁ କହିଲେ ହେ ମୋର ପୁତ୍ର ! ତୁମେ ମୋର ଋଣର ଦାୟିତ୍ୱ ଗ୍ରହଣ କର । ସୁତରାଂ ସେ ଏହି ଦାୟିତ୍ୱକୁ ଗ୍ରହଣ କରିନେଇଥିଲେ ଏବଂ ଶୁରାର ସଦସ୍ୟ ଓ କେତେକ ଖ୍ରୀଷ୍ଟିୟାନମାନଙ୍କୁ ନିଜର ଏହି ଜମାନତ ପାଇଁ ସାକ୍ଷୀ ରୂପରେ ରଖିଲେ ଯେଉଁମାନେ ଋଣ ପରିଶୋଧର ଦାୟିତ୍ୱ ଭାର ନେଇଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କୁ କବର ଦିଆଯିବା ପରେ ଅର୍ଥାତ ଅନ୍ତ୍ୟେଷ୍ଟିକ୍ରୀୟା ପରେ ଏବେ ଶୁକ୍ରବାର ଦିନ ବିତିନଥିଲା କି ଅବ୍‌ଦୁଲ୍ଲାଃ ବିନ୍ ଉମର୍ ହଜ୍‌ରତ୍ ଉମର୍ ର:ଅଙ୍କ ଋଣର ଅର୍ଥ ଧରି ହଜରତ ଉସ୍‌ମାନ୍ ର:ଅଙ୍କ ସେବାରେ ଉପସ୍ଥିତ ହୋଇଥିଲେ ଏବଂ କେତେକ ସାକ୍ଷୀଙ୍କ ସମ୍ମୁଖରେ ଏହି ଦାୟିତ୍ୱରୁ ମୁକ୍ତ ହୋଇଥିଲେ । ***(ତବକାତୁଲ୍ କୁବ୍‌ରା .........ଖଣ୍ଡ-୩, ପୃ-୨୭୩, ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା)***

ଋଣ ପରିଶୋଧ ସମ୍ପର୍କରେ ଆଉ ଗୋଟିଏ ପୁସ୍ତକ **"ୱ୍‌ଫାଉଲ୍ ୱ୍‌ଫା"**ରେ ଅନ୍ୟ ଏକ ବର୍ଣ୍ଣନା ରହିଛି ଯେ, ଇବ୍‌ନେ ଉମର୍ ର:ଅ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ବିୟୋଗ ସମୟ ଯେତେବେଳେ ପାଖେଇ ଆସିଲା ସେତେବେଳେ ଆପଣଙ୍କ ଉପରେ ଋଣ ଭାର ଅର୍ଥାତ କରଜ ଥିଲା । ତେଣୁ ହଜ୍‌ରତ୍ ଉମର୍ ର:ଅ ନିଜର ସୁପୁତ୍ର ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ଓ ହଜରତ ହଫ୍‌ସା ର:ଅଙ୍କୁ ଡ଼କାଇଥିଲେ ଏବଂ କହିଥିଲେ ମୋ ଉପରେ ଅଲ୍ଲାଃ ତାଲାଙ୍କ ଅର୍ଥ ମଧ୍ୟରୁ କିଛି ଅର୍ଥ ଋଣ ଆକାରରେ ରହିଛି ମୁଁ ଚାହୁଁଛି ଯେ ମୁଁ ଅଲ୍ଲାଃ ତାଲାଙ୍କୁ ଏହି ଅବସ୍ଥାରେ ସାକ୍ଷାତ କରିବି ଯେତେବେଳେ କି ମୋ ଉପରେ କିଛି କରଜ ଭାର ନଥିବ । ଅତଏବ ତୁମେ ଦୁହେଁ ଉକ୍ତ ଋଣକୁ ପରିଶୋଧ କରିବାପାଇଁ ଏହି ଘରକୁ ବିକ୍ରି କରିଦେବ ଯହିଁରେ ମୁଁ ଅବସ୍ଥାନ କରୁଛି । ପୁଣି ଯଦି କିଛି ଅର୍ଥ କମ୍ ପଡ଼େ ତେବେ ବନୁ ଅଦିଙ୍କୁ ମାଗିବ ଯଦି ଏହା ସତ୍ତ୍ୱେ ମଧ ଋଣ ପରିଶୋଧ ନ ହୁଏ ତେବେ କୁରୈଶ୍‌ଙ୍କୁ ମାଗିବ । ଏହାପରେ ତୁମେ ଅନ୍ୟ କାହାରି ନିକଟକୁ ଯିବନାହିଁ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ବିୟୋଗ ପରେ ହଜରତ ମୁଆୱିୟାଙ୍କ ନିକଟକୁ ଗଲେ ଏବଂ ମୁଆୱିୟା ହଜ୍‌ରତ୍ ଉମର୍ ର:ଅଙ୍କ ଘର କିଣି ନେଇଥିଲେ । ଯାହାକୁ **ଦାରୁଲ୍ କଜା** ବୋଲି କୁହାଯାଏ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ନିଜର ସେହି ବାସ ଭବନକୁ ବିକ୍ରି କରିଦେଇଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ଋଣକୁ ପରିଶୋଧ କରିଦେଇଥିଲେ । ତେଣୁ ସେହି ଘରକୁ **ଦାରୁଲ୍ କଜା ଦୈନେ ଉମର୍** ବୋଲି କୁହାଯାଉଥିଲା ଅର୍ଥାତ ସେହି ଘର ଯାହାକୁ ବିକ୍ରି କରି ହଜ୍‌ରତ୍ ଉମର୍ ର:ଅଙ୍କ ଋଣ ପରିଶୋଧ କରାଯାଇଥିଲା । ***(ୱ୍‌ଫାଉଲ୍ ୱ୍‌ଫା ବଅଖ୍‌ବାର୍ ଦାରୁଲ୍ ମୁସ୍ତଫା ଅଜ୍ ଅଲ୍ଲାମାଃ ନୁରଦ୍ଦିନ୍ ଖଣ୍ଡ-୧, ଭାଗ-୨, ପୃ-୨୨୨..... ପେଶାୱ୍‌ର ପାକିସ୍ତାନ)***

ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀର ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ଆଲୋଚନା କରାଯିବ । ଆମିନ୍ । ।

⌘⌘⌘⌘⌘⌘⌘⌘⌘⌘⌘

ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଛନ୍ତି- ***ଇତ୍ତକି ଦାଓ୍ୱତଲ୍ ମଜ୍‌ଲୁମି ଫଇନ୍ନହା ଲୈସା ବୈନହା ୱ ବୈନଲ୍ଲାହି ହିଜାବ୍ ।*** ଅର୍ଥାତ- ଅତ୍ୟାଚାରିତ ବ୍ୟକ୍ତିଙ୍କ ଅଭିଷାପକୁ ଭୟ କର । ଏହା ଏଥିପାଇଁ ଯେ ତାହାର ଅଭିଷାପ ଓ ଈଶ୍ୱରଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ନଥାଏ ।

ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଆପଣ ଏ ଲକ୍ଷ୍ୟ (Target) ରଖନ୍ତୁ ଯେ ପାଂଚବର୍ଷ ମଧ୍ୟରେ ଆପଣ ଅତିକମ୍‌ରେ ଏକ ଲକ୍ଷ ଲୋକଙ୍କୁ ବୟତ କରାଇବେ ଏବଂ ପ୍ରତ୍ୟେକ ଅହେମଦୀଙ୍କୁ ଆପଣ ବାଜମାଅତ୍ ନମାଜି ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ନିୟମିତ ପବିତ୍ର କୁର୍‌ଆନ୍ ପଠନକାରୀ ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ଖିଲାଫତ୍ ସହିତ ସମ୍ପର୍କ ରକ୍ଷାକାରୀ ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ଆଁ ହଜରତ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣକାରୀ ଭାବରେ ବନାଇବେ ।

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

**ଭାଗ-୫ର ବଳକାଅଂଶ**

**ପ୍ରଶ୍ନ:-** ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଜାଣିବାକୁ ଚାହିଁଲେ ଯେ, ଜଣେ ଅହେମଦୀ ମୁସଲମାନ ମହିଳାଙ୍କ ପାଇଁ ନିଜର ଗୋଡ଼କୁ ଅନାବରଣ କରି ବାହାରେ ରଖିବା କ'ଣ ଉଚିତ? ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ୩ ମଇ ୨୦୧୮ ରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ପ୍ରଦାନ କରିଥିଲେ ।

**ଉତର:-** ପବିତ୍ର କୁର୍‌ଆନ୍‌ରେ ଯେଉଁଠି ପରଦା କରିବାର ନିର୍ଦ୍ଦେଶ ଦିଆଯାଇଅଛି ସେଠାରେ ପ୍ରଥମେ ମୋମିନ୍ ପୁରୁଷମାନଙ୍କୁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେ ତାଙ୍କର ଆଖିଗୁଡ଼ିକୁ ତଳକୁ କରି ରଖନ୍ତୁ ତା'ପରେ ପୁଣି ମହିଳାମାନଙ୍କୁ ପରଦା କରିବାପାଇଁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ସର୍ବପ୍ରଥମେ ମୋମିନ୍ ମହିଳାମାନେ ମଧ୍ୟ ନିଜ ନିଜର ଆଖିକୁ ତଳକୁ କରି ଚାହାନ୍ତୁ ପୁଣି ଦ୍ୱିତୀୟ ନିର୍ଦ୍ଦେଶ ଦିଆଯାଇଛି ଯେ, ନିଜର ବକ୍ଷ ଉପରେ ଚାଦର କିମ୍ବା ଓଢ଼ଣୀ ପକାଇ ତାହାକୁ ଢ଼ାଙ୍କି ଦିଅନ୍ତୁ ଓ ନିଜର ସୌନ୍ଦର୍ଯ୍ୟକୁ ବାହାରେ ପ୍ରକାଶ ନ କରନ୍ତୁ । ପୁଣି କୁହାଯାଇଛି ଯେ ନିଜ ପାଦକୁ ଭୂଇଁ ଉପରେ ଏମିତି ରଖନ୍ତୁ ନାହିଁ ଯେ, ଯଦ୍ୱାରା ତାହା ପ୍ରକାଶ ହୋଇଯିବ । ମହିଳାମାନେ ସାଧାରଣତଃ ଏହିଭଳି ନିଜର ସୌନ୍ଦର୍ଯ୍ୟକୁ ଲୁଚାଇ ରଖିଥାନ୍ତି ।

ଗୋଡ଼କୁ ଭୂଇଁରେ ନ କଚାଡ଼ିବାର ଗୋଟିଏ ଅର୍ଥ ଏହି କି ଯେ, ଯଦି ଗୋଡ଼ରେ କୌଣସି ଅଳଙ୍କାର (ପାଉଁଜି ଇତ୍ୟାଦି) ପିନ୍ଧିଥିବେ ତେବେ ତାହାର ଶବ୍ଦ ଦ୍ୱାରା ପର ପୁରୁଷଙ୍କର ଧ୍ୟାନ ସେହି ମହିଳାଙ୍କ ପ୍ରତି ଆକର୍ଷିତ ହୋଇପାରେ ସେଥିପାଇଁ ସେଥିରୁ ନିବୃତ ରହିବା ଉଚିତ ।

ସେହିଭଳି ଯଦି ଗୋଡ଼ରେ ବା ପାଦରେ ମେହେନ୍ଦୀ ବା ନେଲ୍‌ପଲିସ୍ ଇତ୍ୟାଦି ଲଗାଯାଇ ପାଦକୁ ଶୃଙ୍ଗାର କରାଯାଏ ତା'ହେଲେ ଏହିଭଳି ପାଦ ଦୃଶ୍ୟମାନ ହେବା ଯୋଗୁଁ ପରପୁରୁଷମାନଙ୍କୁ ତାହା ଆକର୍ଷିତ କରିବାର କାରଣ ହୋଇପାରେ । ତେଣୁ ଏମିତି ହେବା ଦ୍ୱାରା ଅନ୍ୟମାନଙ୍କର ଦୃଷ୍ଟି ଏହିପରି ମହିଳାମାନଙ୍କ ଉପରକୁ ଉଠିବ ଯଦ୍ୱାରା ପରଦା କରିବାର ଯେଉଁ ନିର୍ଦ୍ଦେଶ ରହିଛି ତାହାର ଖିଲାପ ହେବ । କିନ୍ତୁ ପାଦରେ ଯଦି କୌଣସି ପ୍ରକାରର ଆଭୁଷଣ ଓ ଶୃଙ୍ଗାର କରାନଯାଏ ଏହିଭଳି ପାଦ ଯେହେତୁ କୌଣସି ଆକର୍ଷଣ ସୃଷ୍ଟି କରିନଥାଏ ତେଣୁ ତାହା ଯଦି ବାହାରକୁ ଦେଖାଦିଏ ସେଥିରେ ବେପରଦା ହେବାର ପ୍ରଶ୍ନ ହିଁ ଉଠୁନାହିଁ । ତେଣୁ ଯଦି ଏହିଭଳି ପାଦକୁ ଖୋଲା ମଧ୍ୟ ରଖିଦିଆଯାଏ ସେଥିରେ କୌଣସି ଅସୁବିଧା ନାହିଁ ।

ହଜରତ ମସିହ ମଉଦ ଆ:ସ ଏହି ପରଦା ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ର ଆୟତକୁ ବ୍ୟାଖ୍ୟା କରି କହିଛନ୍ତି ।

''ଇମାନ୍‌ଦାର (ବିଶ୍ୱାସକାରୀ) ମହିଳାମାନଙ୍କୁ କହିଦିଅ ଯେ, ସେମାନେ ମଧ୍ୟ ନିଜ ଆଖିକୁ ନା ମହ୍‌ରମ୍ (ଯେଉଁ ପୁରୁଷମାନଙ୍କୁ ବିବାହ କରିବାପାଇଁ ଅନୁମତି ରହିଛି) ସେମାନଙ୍କୁ ଦେଖିବା ଓ ଚାହିଁବାରୁ ନିବୃତ ରଖନ୍ତୁ ଏବଂ ନିଜ କାନକୁ ମଧ୍ୟ ସେହି ନା ମହ୍‌ରୁମ୍‌ମାନଙ୍କଠାରୁ ବଂଚାନ୍ତୁ ଅର୍ଥାତ ସେମାନଙ୍କ ଆକର୍ଷଣୀୟ ଶବ୍ଦକୁ ନ ଶୁଣନ୍ତୁ ଓ ନିଜର ସତର୍ (ଯେଉଁ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଅନ୍ୟମାନଙ୍କୁ ଆକର୍ଷଣ କରିଥାଏ) ସେଗୁଡ଼ିକୁ ଢ଼ାଙ୍କି ରଖନ୍ତୁ ଏବଂ ନିଜର ସୌନ୍ଦର୍ଯ୍ୟପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗକୁ ଅନ୍ୟ କୌଣସି ମହ୍‌ରମ୍ ସମ୍ମୁଖରେ ପ୍ରକାଶ କରନ୍ତୁ ନାହିଁ ଏବଂ ନିଜର ଓଢ଼ଣୀକୁ ମୁଣ୍ଡ ଉପରେ ଏପରି ଘୋଡ଼ାଇ ରଖନ୍ତୁ ଯେ, ତାହା ସମ୍ପୁର୍ଣ୍ଣ ଛାତିକୁ ଘୋଡ଼ାଇ ହୋଇ ମୁଣ୍ଡ ଉପରେ ରହୁଥିବ ଅର୍ଥାତ ବକ୍ଷସ୍ଥଳ ଦୁଇଟିଯାକ କାନ, ମୁଣ୍ଡ ଏବଂ କାନ ନିକଟବର୍ତୀ ସ୍ଥାନ ସବୁକିଛି ଚାଦର ଭିତରେ ରହୁଥିବ ଏବଂ ନିଜର ପାଦକୁ ଭୂଇଁ ଉପରେ ଏପରି ନ କଚାଡ଼ନ୍ତୁ ଯେମିତି ଜଣେ ନାଚବାଲୀ କଚାଡ଼ି ଥାଏ ।''

***(ଇସ୍‌ଲାମୀ ଉସୁଲ୍‌କି ଫିଲାସଫି, ରୁହାନୀ ଖଜାଏନ୍, ଖଣ୍ଡ-୧୦, ପୃ-୩୪୧ ରୁ ୩୪୨)***

ସରିୟତି ପରଦା ସମ୍ବନ୍ଧରେ ବର୍ଣ୍ଣନା କରି ହଜରତ ମସିହ ମଉଦ ଆ:ସ କହିଛନ୍ତି:-

ସରିୟତି ପରଦା ହେଉଛି ଏହା କି, ଚାଦରକୁ ଏପରି ଘୋଡ଼ାଯାଉ ଯେ ନିଜର କେଶ, କପଳାର କିଛି ଅଂଶ ଓ ଥୋମଣାକୁ ସମ୍ପୁର୍ଣ୍ଣ ରୂପେ ଢ଼ଙ୍କା ଯାଉଥିବ । ଉଦାହରଣ ସ୍ୱରୁପ ଚେହେରାର ଆଖପାଖରେ ଚାଦରଟି ଏହିପରି ରହୁ (ଏଠାରେ ମଣିଷ ଚେହେରାକୁ ଦେଖାଇଲେ ଯେ, କେଉଁ କେଉଁ ସ୍ଥାନରେ ପରଦା କରିବାର ନାହିଁ ଓ ସେହି ସ୍ଥାନଗୁଡ଼ିକୁ ଖୋଲା ରଖି ବାକି ଅଂଶକୁ ପରଦା ତଳେ ରଖି ଦିଆଯାଇଅଛି) ଏହି ପ୍ରକାରର ପରଦାକୁ ଇଙ୍ଗିଲ୍‌ସ୍ଥାନ୍‌ର ମହିଳାମାନେ ସହଜରେ ବରଦାସ୍ତ/ଗ୍ରହଣ କରିପାରିବେ ଏବଂ ଏହିଭଳି ଅବସ୍ଥାରେ ବୁଲାବୁଲି କରିବାରେ କୌଣସି ଅସୁବିଧା ବି ନାହିଁ (କାରଣ) ଏଥିରେ ଆଖି ଖୋଲା ରହିଥାଏ'' । ***(ରିଭିୟୁ ଅଫ୍ ରିଲିଜିଓନ୍ ଖଣ୍ଡ-୪, ସଂଖ୍ୟା- ୧, ପୃ- ୧୭ ଜାନୁୟାରୀ ୧୯୦୫)***

ହଜରତ ମୁସ୍‌ଲେହ ମଉଦ୍ ର:ଅ ଗଜେ ବସର୍ (ଅର୍ଥାତ ଆଖିକୁ ତଳକୁ କରି ଚାହିଁବା)ର ବ୍ୟାଖ୍ୟାରେ କହିଛନ୍ତି ଯେ, ଏହାର ଉଦ୍ଦେଶ୍ୟ ହେଉଛି ଏହାକି ପୁରୁଷ ଏବଂ ମହିଳାମାନଙ୍କ ଆଖିକୁ ଆପୋଷରେ ମିଶାଇବାରୁ ଦୂରେଇ ରଖିବା ନଚେତ ଯେଉଁ ମହିଳାମାନେ ବାହାରକୁ ବାହାରିବେ ସେମାନଙ୍କର ପାଦ, ସେମାନଙ୍କର ଚାଲି, ସେମାନଙ୍କର ଉଚ୍ଚତା, ସେମାନଙ୍କର ହାତର ଚଳଣି ଏବଂ ଏହିଭଳି ଅନେକ ଜିନିଷ ପୁରୁଷମାନଙ୍କୁ ଦେଖାଯିବ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୬, ପୃ-୨୯୮)***

ଅତଏବ ଉପର ବର୍ଣ୍ଣିତ କଥାରୁ ଏହା ପ୍ରମାଣ ହେଉଛି ଯେ, ମହିଳାମାନଙ୍କ ଶରୀରର ଯେଉଁ ଅଂଶଗୁଡ଼ିକ ସୌନ୍ଦର୍ଯ୍ୟର ପରଧି ଭିତରେ ଆସୁଛି ଏବଂ ପର ପୁରୁଷମାନଙ୍କୁ ଆକର୍ଷିତ କରୁଅଛି ସେହିଗୁଡ଼ିକର ପରଦା କରିବା ମହିଳାମାନଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ।

**ପ୍ରଶ୍ନ:-** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଜାମିୟା ଅହେମଦୀୟା ଇଣ୍ଡୋନେସିଆର ବିଦ୍ୟାର୍ଥୀମାନଙ୍କର ୬ ନଭେମ୍ବର ୨୦୨୦ ଦିନ ଯେଉଁ ଭର୍ଚ୍ଚୁଆଲ୍ ହୋଇଥିଲା ସେଥିରେ ଜଣେ ବିଦ୍ୟାର୍ଥୀ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏକଥା ଜଣାଇଥିଲେ ଯେ, ଅଲ୍ଲାଃଙ୍କ କୃପାରୁ ଇଣ୍ଡୋନେସିଆନ୍ ଯମାତ୍‌କୁ ୨୦୨୫ ମସିହାରେ ୧୦୦ ବର୍ଷ ପୁରଣ ହୋଇଯିବ ତେଣୁ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରିବାପାଇଁ ଆମକୁ କ'ଣ କରିବା ଉଚିତ? ହଜୁର ଅନଓ୍ୱର ଅ:ବ:ଅ ଏହାର ଉତରରେ କହିଲେ:-

**ଉତର:-** ୧୦୦ ବର୍ଷ ପୂର୍ତୀ ଉପଲକ୍ଷେ ଆପଣମାନେ ଟାର୍ଗେଟ ରଖନ୍ତୁ ଯେ, ୫ ବର୍ଷ ମଧ୍ୟରେ ଆପଣମାନେ ଅତିକମ୍‌ରେ ଏକଲକ୍ଷ ବୟତ କରାଇବେ ଏବଂ ପ୍ରତ୍ୟେକ ଅହେମଦୀଙ୍କୁ ଆପଣମାନେ ବାଯମାତ୍ ନମାଜୀ ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ପବିତ୍ର କୁର୍‌ଆନ୍ ପାଠକାରୀ ବନାଇବେ ପ୍ରତ୍ୟେକ ଅହେମଦୀଙ୍କୁ ଖିଲାଫତ୍ ସହିତ ସମ୍ପର୍କ ରଖୁଥିବା ଅହେମଦୀ ବନାଇବେ ଏବଂ ପ୍ରତ୍ୟେକ ଅହେମଦୀଙ୍କୁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରୁଥିବା ଅହେମଦୀ ବନାଇବେ । ଠିକ୍ ଅଛି? ଏବେ କେବଳ ଯଦି ଏତିକି କରିଦେବେ ତା'ହେଲେ ଜାଣିରଖ ଯେ, ଆପଣ ବହୁତ କିଛି କରିନେଲେ ।

**ପ୍ରଶ୍ନ-** ଏହି ସାକ୍ଷାତକାର ୬ ନଭେମ୍ବର ୨୦୨୦ ଦିନ ଆଉଜଣେ ବିଦ୍ୟାର୍ଥି ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କହିଲେ ଯେ, ହୁଜର ଯେତେବେଳେ ଆପଣ ଛାତ୍ର ଥିଲେ ଓ ଆପଣଙ୍କ ସମ୍ମୁଖରେ କୌଣସି ଅସୁବିଧା ଆସିଯାଉଥିଲା ସେତେବେଳେ ଆପଣ କେଉଁ ଦୁଆ ପଢୁଥିଲେ । ହଜୁର ଅନଓ୍ୱର ଅ:ବ:ଅ ଏହି ପ୍ରଶ୍ନର ଉତର ଦେଲେ ।

**ଉତର:-** କୌଣସି ବିଶେଷ ଦୁଆ କରୁନଥିଲି ମୁଁ କେବଳ ସଜ୍‌ଦାଃରେ ପଡ଼ିଯାଉଥିଲି ଓ ଅଲ୍ଲାଃ ତାଲାଙ୍କୁ କହୁଥିଲି ଯେ ମୋ ସମସ୍ୟାକୁ ସମାଧାନ କରିଦିଅ । କେବଳ ନମାଜ ଓ ସଜ୍‌ଦାଃ ନମାଜରେ ଯେଉଁ ସଜ୍‌ଦାଃ ରହିଛି ସେଥିରେ ନିଜ ଭାଷାରେ ଦୁଆ କରନ୍ତୁ କାରଣ ମଣିଷ ନିଜ ଭାଷାରେ ଯେଉଁ ଦୁଆ କରିଥାଏ ସେଥିରେ ଅଧିକ ଭାବ ପ୍ରବଣତା ସୃଷ୍ଟି ହୁଏ ତେଣୁ ବାକି ଦୁଆଗୁଡ଼ିକ ତ ଠିକ୍ ଅଛି ତାହା ମଧ୍ୟ କରିବା ଉଚିତ, ଦରୁଦ୍ ଶରିଫ୍ ମଧ୍ୟ ପଢ଼ିବା ଉଚିତ, ଇସ୍ତେଗ୍‌ଫାର୍ ମଧ୍ୟ ପଢ଼ିବା ଉଚିତ, ଲା ହଲ୍ ବି ପଢ଼ିବା ଉଚିତ ଏବଂ ଇସ୍ତେଗ୍‌ଫାର୍ କରି ନିଜ ପାପଗୁଡ଼ିକାର କ୍ଷମା ମଧ୍ୟ ମାଗିବା ଉଚିତ କିନ୍ତୁ ସବୁଠାରୁ ଅଧିକ ଉତମ ଶୈଳୀ ହେଉଛି ଏହା ଯେ, ନମାଜରେ ଯେଉଁ ସିଜ୍‌ଦାଃ ରହିଛି ସେଥିରେ ଦୁଆ କରନ୍ତୁ । ନଫିଲ୍ ନମାଜ ପଢ଼ନ୍ତୁ । ନଫିଲ୍ ନମାଜଗୁଡ଼ିକରେ ସୁନ୍ନତ ନମାଜରେ, ଏବଂ ଫର୍ଜ ନମାଜରେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ କାନ୍ଦି କାନ୍ଦି ସଜ୍‌ଦାଃରେ ପଡ଼ି ନିଜ ଭାଷାରେ ଦୁଆ କରନ୍ତୁ । କାରଣ ନିଜ ଭାଷାରେ କରାଯାଇଥିବା ଦୁଆ ବହୁତ ପ୍ରଭାବ ପକାଇଥାଏ ଓ ଏହା ଦ୍ୱାରା ସମସ୍ୟାର ସମାଧାନ ମଧ୍ୟ ହୋଇଥାଏ ।

***(ସଂକଳକ: ଜହିର୍ ଅହେମଦ୍ ଖାନ୍, ମୁରବୀ ସିଲ୍‌ସିଲା ରେକର୍ଡ଼ିଂ ବିଭାଗ ଇନ୍‌ଚାର୍ଜ ପି.ଏଫ୍ କାର୍ଯ୍ୟାଳୟ ଲଣ୍ଡନ)***

***(ଅଖିବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୧ ଜାନୁୟାରୀ ୨୦୨୧କୁ ଧନ୍ୟବାଦ)***

⌘⌘⌘⌘⌘⌘⌘⌘⌘⌘

**ଯେତେବେଳେ ଅହମଦୀୟତର ଗଲ୍‌ବା (ଜିତାପଟ) ହେବ ସେତେବେଳେ ମଧ୍ୟ ସମଗ୍ର ବିଶ୍ୱରେ ଗୋଟିଏ ହୁକୁମତ୍ (ସରକାର) ନଥିବ । ଅଲଗା ଅଲଗା ହୁକୁମତ ରହିଥିବ । ସେମାନଙ୍କ ଦେଶର ନିୟମକାନୁନ୍ ଇସ୍‌ଲାମୀୟ ନିୟମ କାନୁନ୍ ସହିତ ବିବାଦ କରୁନଥିବ । ସମଗ୍ର ବିଶ୍ୱରେ ପ୍ରକୃତ ଇସ୍‌ଲାମିକ୍ ଖିଲାଫତ୍ କେବଳ ଗୋଟିଏ ହିଁ ଥିବ । ସମସ୍ତ ହୁକୁମତ୍ (ଅର୍ଥାତ ସବୁ ଦେଶର ସରକାର) ବୌଦ୍ଧିକ ଓ ଆଧ୍ୟାତ୍ମିକ ଭାବରେ ଯୁଗ ଖଲିଫାଙ୍କଠାରୁ ମାର୍ଗଦର୍ଶନ ହାସଲ କରିବେ । ସେମାନଙ୍କ ରାଜନୈତିକ ମାମଲାରେ ଯୁଗ ଖଲିଫାଙ୍କର କୌଣସି ହସ୍ତକ୍ଷେପ ରହିବ ନାହିଁ ଏବଂ କୌଣସି ଖଲିଫା ସେନା ସାହାଯ୍ୟରେ କୌଣସି ଦେଶ ଉପରେ ଆକ୍ରମଣ କରିବେନାହିଁ**

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

## ଭାଗ-୬

**ପ୍ରଶ୍ନ:-** ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଆମେରୀକା ତରଫରୁ ପ୍ରସ୍ତୁତ କରାଯାଇଥିବା ତାଲିମ୍ ଏବଂ ତର୍‌ବିୟତ୍ ପ୍ରସଙ୍ଗରେ ପ୍ରଶ୍ନଉତର କାର୍ଯ୍ୟକ୍ରମ ଉପରେ ଆଧାରିତ ଡ୍ରାଫ୍ଟରେ ଗୋଟିଏ ପ୍ରଶ୍ନ ଏହା ଥିଲା ଯେ, ଅହେମଦୀୟତ୍ ଯେତେବେଳେ ଗଲ୍‌ବା ହେବ ସେତେବେଳେ ଏ ପୃଥିବୀର ରାଜନୈତିକ ବାତାବରଣ କ'ଣ ହେବ ? ଏ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୬ ମଇ ୨୦୧୮ ମସିହାରେ ଏହାର ଉତର ଦେଲେ ।

**ଉତର:** ସୁରତୁଲ୍ ହୁଜ୍‌ରାତ୍‌ରେ ଅଲ୍ଲାଃ ତାଲା ଦୁଇଟି ହୁକୁମତ୍ ଆପୋଷରେ ଲଢ଼ିବା ପ୍ରସଙ୍ଗରେ ଅନ୍ୟ ଦେଶଗୁଡ଼ିକୁ ସେହି ଦୁଇ ଦେଶ ମଧ୍ୟରେ ସୁଲାହ୍ କରାଇବା ପାଇଁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ବାସ୍ତବପକ୍ଷେ ସେଥିରେ ଗୋଟିଏ ଭବିଷ୍ୟବାଣୀ ମଧ୍ୟ ରହିଛି ଯେ, ଯେତେବେଳେ ସମଗ୍ର ପୃଥିବୀରେ ଇସ୍‌ଲାମ୍‌ର ଗଲ୍‌ବା ହେବ ସେତେବେଳେ ସାରା ପୃଥିବୀରେ ଗୋଟିଏ ସରକାର ନଥିବ ବରଂ ଅଲଗା ଅଲଗା ସରକାର ରାଜତ୍ୱ କରୁଥିବ । ଅତଏବ ଅଲ୍ଲାଃ ତାଲାଙ୍କ କୃପାରୁ ଯେତେବେଳେ ଅହେମଦୀୟତ୍‌ର ଗଲ୍‌ବା ହେବ ସେତେବେଳେ ପୃଥିବୀରେ ରାଜନୈତିକ ଦୃଷ୍ଟିକୋଣରୁ ଯଦିଓ ଅଲଗା ଅଲଗା ସରକାର ଥିବେ କିନ୍ତୁ ସେମାନଙ୍କର ଦେଶୀୟ କାନୁନ୍ ଇସ୍‌ଲାମୀ କାନୁନ୍ ସହିତ ଧକ୍କା ହେବନାହିଁ । କିନ୍ତୁ ସେ ସମୟରେ ରାଜନୈତିକ ଅବସ୍ଥା ଓ ଆଧ୍ୟାତ୍ମିକ ଅବସ୍ଥା ଅଲଗା ଅଲଗା ରହିବ । ଖିଲାଫତେ ହକ୍କା ଇସ୍‌ଲାମୀୟା ଅର୍ଥାତ ଇସ୍‌ଲାମ୍‌ର ପ୍ରକୃତ ଖିଲାଫତ୍ ସାରା ଦୁନିଆରେ ଗୋଟିଏ ହିଁ ରହିବ ଯେବେ କି ସମଗ୍ର ଦେଶଗୁଡ଼ିକ ଜ୍ଞାନଭିର୍ତିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯୁଗ ଖଲିଫାଙ୍କଠାରୁ ମାର୍ଗଦର୍ଶନ ହାସଲ କରିବେ କିନ୍ତୁ ସେମାନଙ୍କର ରାଜନୈତିକ ମାମଲାରେ ଯୁଗ ଖଲିଫାଙ୍କର କୌଣସି ହସ୍ତକ୍ଷେପ ରହିବ ନାହିଁ ଏବଂ କୌଣସି ଖଲିଫା ନିଜେ ସୈନ୍ୟସାମନ୍ତ ନେଇ କୌଣସି ଦେଶ ଉପରେ ଆକ୍ରମଣ କରିବେନାହିଁ ।

**ପ୍ରଶ୍ନ:-** ଜଣେ ବନ୍ଧୁ ପଚାରିଲେ ଯେ କ'ଣ ନମାଜ୍‌ରେ ଅତୟୁହାତୁ ପଢ଼ିବା ସମୟରେ ଯେତେବେଳେ ଆମେ **ଅସ୍‌ସଲାମୁ ଆଲୈକା ଅୟୁହନ୍ ନବୀୟୁ** କରିଥାଉଁ, ଏଥି ସକାଶେ ଆମେ କିଛି ଶିର୍କ ତ କରୁନାହୁଁ ? କାରଣ ଏହି ବାକ୍ୟଟି ଜୀବିତ ଲୋକଙ୍କ ପାଇଁ ବ୍ୟବହାର ହୋଇଥାଏ । ଏହି ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୬ ଜୁନ୍ ୨୦୧୮ ରେ ଲେଖିଛନ୍ତି ।

**ଉତର:-** ପ୍ରମାଣିତ ହଦିସ୍‌ଗୁଡ଼ିକରୁ ଏହା ସାବ୍ୟସ୍ତ ଯେ ତଶହୁଦ୍‌ରେ ପାଠ କରାଯାଉଥିବା ଏହି ଦୁଆ ଆଁ ହଜରତ ସ:ଆ:ସ ସ୍ୱୟଂ ସାହାବାମାନଙ୍କୁ ଶିଖାଇଛନ୍ତି ଓ ଏହା ନିର୍ଦ୍ଦେଶ ଦେଇଛନ୍ତି ଯେ ଯେବେ ତୁମେ ଏହି ଦୁଆ କରିବ, ସେତେବେଳେ ତୁମର ଏହି ପ୍ରାର୍ଥନା ଆକାଶ ଓ ସ୍ଥଳଭାଗରେ ବସବାସ କରୁଥିବା ଅଲ୍ଲାଃଙ୍କ ପ୍ରତ୍ୟେକ ପୂଣ୍ୟବାନ ଭକ୍ତଙ୍କ ନିକଟର ପହଂଚିଯିବ **(ସହି ବୁଖାରୀ କିତାବୁଲ୍ ଆଜାନ୍)**

ଏହିପରି ହଜୁର ସ:ଆ:ସ ନିଜେ ହିଁ ଏକଥା ସ୍ପଷ୍ଟ କରିଦେଇଛନ୍ତି ଯେ, ତୁମର ଏହି ଦୁଆ ଜୀବିତ ଲୋକମାନଙ୍କ ନିକଟରେ ମଧ୍ୟ ପହଂଚୁଛି ଏବଂ ଯେଉଁମାନେ ମୃତ୍ୟୁବରଣ କରିସାରିଛନ୍ତି ସେମାନଙ୍କ ନିକଟରେ ମଧ୍ୟ ଏହି ଦୁଆ'ର ଆଶିଷ ମିଳୁଅଛି । ଅତଏବ ଏହି ପ୍ରକାରର ଦୁଆ'ରେ ଯେଉଁ ଶବ୍ଦ ବ୍ୟବହାର କରାଯାଉଅଛି ସେଥିରେ କୌଣସି ସନ୍ଦେହ ରହିବା କଥା ନୁହେଁ ଯେ, ଆମର ଏହି ଦୁଆ'ର ସମ୍ବୋଧନ ମୃତ ଲୋକଙ୍କ ନିକଟରେ ପହଂଚୁଛି ତେଣୁ କାଳେ ଏହା ଶିର୍କ ତ' ହେବନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଥିରେ ଶିର୍କ କରିବାର କୌଣସି କଥା ନାହିଁ କାରଣ ଯେଉଁଭଳି ଏ ଦୁନିଆରେ ଗୋଟିଏ ଲୋକର ଶବ୍ଦକୁ ଅନ୍ୟ ଲୋକ ପର୍ଯ୍ୟନ୍ତ ପହଂଚାଇବା ପାଇଁ ଅଲ୍ଲାଃ ତାଲା ପବନକୁ ଏହାର ମାଧ୍ୟମ ବନାଇଛନ୍ତି ସେହିଭଳି ଆଧ୍ୟାତ୍ମିକ ଦୁନିଆରେ ମଧ୍ୟ ଅଲ୍ଲାଃ ତାଲା ଆମର ପ୍ରାର୍ଥନାକୁ ମୃତ ଲୋକମାନଙ୍କ ନିକଟରେ ପହଂଚାଇବା ପାଇଁ ନିଜର ଫିରସ୍ତାମାନଙ୍କୁ ମାଧ୍ୟମ ବନେଇଛନ୍ତି । ସୁତରାଂ ଯେତେବେଳେ ଆମେ କବରସ୍ତାନ୍ ଯାଇଥାଉ ଏବଂ ସେଠାରେ ଦୁଆ ପଢ଼ିଥାଉ ସେହି ଦୁଆ'ର ପ୍ରାରମ୍ଭ ମଧ୍ୟ ''ଅସ୍‌ସଲାମୋ ଆଲୈକୁମ୍ ୟା ଅହଲଲ୍ କୁବୁର୍'' ରୋହି ହୋଇଥାଏ । ଯାହାର ଅର୍ଥ କଦାପି ଏହା ନୁହେଁ ଯେ, ଆମେ ସେଠାରେ ମୃତ ବ୍ୟକ୍ତିମାନଙ୍କୁ ସମ୍ମୁଖରେ ଦେଖିଥାଉ ବା ସେମାନେ ଆମ ସମ୍ମୁଖରେ ଛିଡ଼ା ହୋଇଛନ୍ତି ।

ସୁତରାଂ ହଜରତ ମସିହ ମଉଦ ଆ:ସଙ୍କୁ ଏଇ ପ୍ରଶ୍ନ ପଚରାଗଲା ଯେ, **ଅସ୍‌ସଲାମୁ ଆଲୈକା ଅୟୁହନ୍ ନବୀୟୁ** କୁହାଯାଇଅଛି କ'ଣ ଏହାକୁ ମୃତ ଲୋକମାନେ ଶୁଣୁଛନ୍ତି କି ? ଏଥିରେ ହଜୁର ଆ:ସ କହିଲେ,

''ଦେଖନ୍ତୁ ! ସେମାନେ ସଲାମ୍‌ର ଉତର ଓ୍ୱ ଆଲୈକୁମ୍ ସଲାମ୍ କହିଦେଉନାହାନ୍ତି କିନ୍ତୁ ଖୁଦାତାଲା ସେହି ସଲାମ୍‌କୁ (ଏହା ଗୋଟିଏ ପ୍ରକାର ଦୁଆ ଅଟେ) ସେମାନଙ୍କ ନିକଟରେ ପହଂଚାଇ ଦେଉଛନ୍ତି ।

ଏବେ ଆମେ ଯେଉଁ ଶବ୍ଦଗୁଡ଼ିକ ଶୁଣୁଛେ ତାହାର ମାଧ୍ୟମ ହେଉଛି ପବନ । କିନ୍ତୁ ଏହି ମାଧ୍ୟମ ମୃତ ଓ ତୁମମାନଙ୍କ ମଧ୍ୟରେ କାମ ଦେଉନାହିଁ । କିନ୍ତୁ ଏହି ଅସ୍‌ସଲାମୋ ଅଲୈକୁମ୍ କହିବାରେ ଖୁଦାତାଲା ଫରିସ୍ତାମାନଙ୍କୁ ମାଧ୍ୟମ ବନାଇ ଦେଉଛନ୍ତି । ସେହିଭଳି ଦରୁଦ୍ ଶରିଫ୍‌କୁ ମଧ୍ୟ ଫରିସ୍ତାମାନେ ଆଁ ହଜରତ ସ:ଆ:ସଙ୍କ ନିକଟରେ ପଂହଚାଇ ଦେଉଛନ୍ତି ।''

***(ଅଖ୍‌ବାର୍ ବଦର୍ ୧୬ ମାର୍ଚ୍ଚ ୧୯୦୪)***

ହଜରତ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର:ଅ ଏହି କଥାକୁ ସ୍ପଷ୍ଟ କରି କହିଛନ୍ତି:

''ଅତ୍ୟଧିକ ପ୍ରେମ ତଥା ଅତ୍ୟଧିକ ଦୁଃଖ ସମୟରେ ଅଦୃଶ୍ୟକୁ ଡ଼ କାଯାଇଥାଏ ଏହାର ଅର୍ଥ ନୁହେଁ ଯେ, ସେ ସେଠାରେ ସଶରୀରେ ଉପସ୍ଥିତ ଅଛି ବରଂ ପ୍ରେମ ପ୍ରକାଶ କରିବାର ଏହା ହେଉଛି ଗୋଟିଏ ଶୈଳୀ''

***(ଅଲ୍ ହକମ୍ ୧୦ ଫେବୃୟାରୀ ୧୯୦୪)***

**ପ୍ରଶ୍ନ:-** ଜଣେ ମହିଳା ଏ ବିଷୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଠାରୁ ଜାଣିବାକୁ ଚାହିଁଲେ ଯେ, ଯନାଜାଃ ସହିତ ମହିଳାମାନଙ୍କୁ କବରସ୍ତାନ ଯିବା କବର ଦେବା ସମୟରେ ପୁରୁଷମାନଙ୍କ ନିକଟରେ ଛିଡ଼ା ହେବା ତଥା ଗାଡ଼ିରେ ବସି ରହିବା ସମ୍ବନ୍ଧରେ କ'ଣ ନିୟମ ରହିଛି । ଏହାର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୦୯ ଜୁନ୍ ୨୦୧୮ ରେ ନିମ୍ନଲିଖିତ ଉତର ଦେଲେ ।

**ଉତର:-** ହଦିସ୍‌ଗୁଡ଼ିକରୁ ଏ କଥା ପ୍ରମାଣିତ ଯେ, ଆଁ ହଜୁର ସ:ଆ:ସ ସାଧାରଣତଃ ମହିଳାମାନଙ୍କୁ ଯନାଜାଃ ସହିତ କବର ସ୍ତାନ ଯିବାପାଇଁ ମନା କରିଛନ୍ତି କିନ୍ତୁ ଏ ସମ୍ବନ୍ଧରେ ମହିଳାମାନଙ୍କ ଉପରେ ଅତ୍ୟଧିକ କଠୋର ମଧ୍ୟ ହୋଇନାହାନ୍ତି । ଯଦି କୌଣସି ବିଶେଷ କାରଣ ଯୋଗୁଁ କୌଣସି ମହିଳା ଯନାଜାଃ ସମୟରେ ଦୃଶ୍ୟମାନ ହୋଇଥିଲେ ତାହାହେଲେ ଆଁ ହଜୁର ସ:ଆ:ସ ତାକୁ ଅଣଦେଖା କରିଦେଇଛନ୍ତି ।

ଜାହିଲିୟତ୍ ଯୁଗରେ ମୃତ ବ୍ୟକ୍ତିଙ୍କ ପାଇଁ ଓ ମୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଅତ୍ୟଧିକ ବିଳାପ କରିବାର ପ୍ରଥା ଥିଲା ଏବଂ ଅଧିକାଂଶ ବିଳାପ ମହିଳାମାନେ ହିଁ କରୁଥିଲେ । କିନ୍ତୁ ଇସ୍‌ଲାମ୍ ଏହିଭଳି ବିଳାପକୁ ହରାମ୍ (ଅବୈଧ) ଅଭିହିତ କଲା ଏବଂ ତତ୍‌ସହିତ ମହିଳାମାନଙ୍କୁ ମଧ୍ୟ ମୃତବ୍ୟକ୍ତିଙ୍କ ସହିତ କବରସ୍ତାନ ଯିବାପାଇଁ ମନା କରିଦେଲେ ଏତଦ୍‌ଦ୍ୱାରା ସେହି ମହିଳାମାନଙ୍କ ମଧ୍ୟରୁ କାଳେ କିଏ ନିଜର ଆବେଗ ଉପରେ ନିୟନ୍ତ୍ରଣ ନ ରଖି କବର ଦେବା ସମୟରେ ବିଳାପ ସୃଷ୍ଟି ନ କରିଦେଉ । ପୂର୍ବତନ ଓ୍ୱଲେମାମାନେ ଓ ଫୋକହାମାନେ ମଧ୍ୟ ଯନାଜାଃ ସହିତ ମହିଳାମାନଙ୍କୁ ଯିବା ପାଇଁ ପସନ୍ଦ କରିନାହାନ୍ତି ।

ହଜରତ ମସିହ ମଉଦ ଆ:ସଙ୍କ ସମୟରେ ଏବଂ ତାଙ୍କ ପରେ ଖଲିଫାମାନଙ୍କ ସମୟରେ ମଧ୍ୟ ସାଧାରଣତଃ ଏହି ନୀତି ଚାଲି ଆସୁଛି ଯେ, ଯନାଜାଃ ପଢ଼ିବା ସମୟରେ ମହିଳାମାନଙ୍କୁ ପୁରୁଷମାନଙ୍କଠାରୁ ଅଲଗା ରହି ନମାଜ ଯନାଜାଃରେ ସାମିଲ ହେବାପାଇଁ ଦିଆଯାଉଅଛି କିନ୍ତୁ କବର ଦେବା ସମୟରେ ମହିଳାମାନଙ୍କୁ ଯନାଜାଃ ସହିତ କବରସ୍ତାନ ଭିତରକୁ ଯିବାପାଇଁ ଦିଆଯାଉନାହିଁ ।

ତେଣୁ କୌଣସି ବିଶେଷ କାରଣ ନଥିଲେ, ମହିଳାମାନଙ୍କୁ ଯନାଜାଃ ସହିତ କବରସ୍ତାନ ଯିବା ଉଚିତ ନୁହେଁ । କିନ୍ତୁ ଯଦି କୌଣସି ମଜବୁରି ଯୋଗୁଁ ମହିଳାମାନଙ୍କୁ ଯନାଜାଃ ସହିତ କବରସ୍ତାନ ଯିବାକୁ ପଡ଼େ ତେବେ ଯେମିତି କି ଆପଣ ନିଜର ଚିଠିରେ ଏକଥା ଲେଖିଛନ୍ତି ଯେ, ମହିଳାମାନଙ୍କୁ କବର ଦେବା ସମୟରେ ନିଜ ଗାଡ଼ିରେ ହିଁ ବସି ରହିବା ଉଚିତ ଓ କବର ପ୍ରସ୍ତୁତ ହୋଇସାରିବା ପରେ ଯେତେବେଳେ ପୁରୁଷମାନେ ସେଠାରୁ ଚାଲିଯିବେ ସେତେବେଳେ ଯଦି ମହିଳାମାନେ ଚାହାନ୍ତି ତା'ହେଲେ ସେହି କବର ନିକଟରେ ଯାଇ ଦୁଆ କରିପାରିବେ ।

**ପ୍ରଶ୍ନ:-** ଜଣେ ବନ୍ଧୁ ଏହି ହଦିସ୍ **ସଲାତୁଲ୍ ମକ୍‌ତୁବତୁ ଓ୍ୱାଜିବତୁନ୍ ଖଲ୍‌ଫା କୁଲ୍ଲି ମୁସ୍‌ଲିମିନ୍ ବର୍‌ରନ୍ କାନା ଅଓଫାଜିରନ୍ ଓ୍ୱ ଇନ୍ ଅମଲଲ୍ କବାଇର୍ *(ସୁନନେ ଅବି ଦାଉଦ୍ କିତାବୁସ୍ ସଲାତ୍)*** ର ଆଲୋକରେ ଜାଣିବାକୁ ଚାହିଁଲେ ଯେ, ଯମାତ୍‌ର ଲୋକମାନଙ୍କ ପାଇଁ କୌଣସି ଗୈର

ଅହେମଦୀ ଅର୍ଥାତ ଅଣଅହେମଦୀଙ୍କ ପଛରେ ନମାଜ ପାଠ କରିବା କାହିଁକି ଠିକ୍ ନୁହେଁ? ଏହି ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୫ ଅକ୍ଟୋବର ୨୦୧୮ ରେ କହିଲେ:

**ଉତର:-** ଏହି ସମ୍ପୁର୍ଣ୍ଣ ହଦିସ୍‌ଟି ସୁନନେ ଅବି ଦାଉଦ୍ କିତାବୁଲ୍ ଜିହାଦ୍‌ରେ ଏହିଭଳି ଦରଜ ରହିଛି ।

**ଅନ୍ ଅବି ହୁରୈରାଃ କାଲା କାଲା ରସୁଲୁଲ୍ଲାହି ସ୍ୱଲ୍ଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମା ଅଲ୍‌ଜିହାଦୁ ଓ୍ୱାଜିବୁନ୍ ଆଲୈକୁମ୍ ମାଆ କୁଲ୍ଲି ଅମୀରିନ୍ ବର୍‌ରନ୍ ................ କାନା ଅଓ୍ୱ ଫାଜିରନ୍ ଓ୍ୱ ଇନ୍ ଅମଲଲ୍ କବାଇର୍**

ଅର୍ଥାତ ଏଥିରେ କେବଳ ନମାଜ ପଢ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ ବରଂ ତା' ସହିତ ଅଲ୍ଲାଃ ତାଲା ଏହା ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ଅମୀରଙ୍କ ନେତୃତ୍ୱରେ ଜିହାଦ୍ କରନ୍ତୁ ଏବଂ ପ୍ରତ୍ୟେକ ମୁସଲମାନର ନମାଜ ଯନାଜାଃ ପାଠ କରନ୍ତୁ । କିନ୍ତୁ ଆଁ ହଜରତ ସ:ଆ:ସଙ୍କର ନିଜର କାର୍ଯ୍ୟଶୈଳୀ ଏହାର ବିପରୀତ ଥିଲା କାରଣ ହଜୁର ସ:ଆ:ସ ଋଣି ବ୍ୟକ୍ତିଙ୍କର, ଖୟାନତ (ଆତ୍ମସାତ) କରୁଥିବା ଲୋକର ଏବଂ ଆତ୍ମହତ୍ୟା କରିଥିବା ଲୋକର ନମାଜ ଯନାଜାଃ ନିଜେ ପଢ଼ିନାହାନ୍ତି ।

ସେଥିଯୋଗୁଁ ହଦିସ୍‌ର ଓ୍ୱଲେମାମାନେ ଏହି ହଦିସ୍‌ର ସତ୍ୟତା ଉପରେ ତର୍କବିତର୍କ କରିଛନ୍ତି ଏବଂ ଏହି ରିଓ୍ୱାୟତର ପ୍ରମାଣ ପାଇଁ ବହୁତ କିଛି ଆପତି ଅଭିଯୋଗ କରିଛନ୍ତି ।

ଏତଦ୍ ବ୍ୟତୀତ ହଦିସ୍‌ର ପୁସ୍ତକଗୁଡ଼ିକରେ ହଜୁର ସ:ଆ:ସଙ୍କ ଏହି ବାଣୀ ମଧ୍ୟ ରହିଛି ଯେ, ''ଲା ୟଉମ୍ମନକୁମ୍ ୟୁ ଜୁର୍‌ଅତା ଫିଦିନିହି'' ଅର୍ଥାତ ଏପରି ବ୍ୟକ୍ତି ଯିଏ ନିଜର ଧର୍ମକୁ ପରିତ୍ୟାଗ କରିଦେଇଥିବ ବା ଧାର୍ମିକ ନିୟମାବଳୀଗୁଡ଼ିକର ଖିଆଲ ରଖୁନଥିବ ସେ ତୁମର ଇମାମତ୍ କଦାପି ନ କରୁ ।

ଇମାମତ୍ ପ୍ରସଙ୍ଗରେ ସବୁଠାରୁ ଅଧିକ ଏହି ହଦିସ୍‌ଟି ଅଛି ଯେଉଁଥିରେ ଆଁ ହଜରତ ସ:ଆ:ସ ଆସିବାକୁ ଥିବା ପ୍ରତିଶ୍ରୃତ ମସିହିଙ୍କ ସମ୍ବନ୍ଧରେ କହିଛନ୍ତି ଯେ, ଓ୍ୱ ଇମାମୁକୁମ୍ ମିନ୍‌କୁମ୍ ଅର୍ଥାତ ସେ ସମୟରେ ତୁମର ଇମାମ୍ ତୁମମାନଙ୍କ ମଧ୍ୟରୁ ହିଁ ହେବେ । ଏବଂ ଏହି ହଦିସ୍‌ଟି ହଦିସ୍‌ର ପୁସ୍ତକଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ସ୍ୱୀକୃତ ବୁଖାରୀ ଏବଂ ମୁସ୍‌ଲିମ୍ ଉଭୟରେ ମହଜୁଦ୍ ରହିଛି ।

ହଜୁର ସ:ଆ:ସ ଏହି ହଦିସ୍‌ରେ କହିଛନ୍ତି ଯେ, ବ୍ୟଭିଚାରୀ ଓ ଦୃଷ୍ଟଙ୍କ ପଛରେ ନମାଜ ପଢ଼ । ଏକଥା କହିନାହାନ୍ତି ଯେ ଅବିଶ୍ୱାସୀ ଏବଂ ମିଥ୍ୟାବାଦୀଙ୍କ ପଛରେ ନମାଜ ପଢ଼ନ୍ତୁ । ସୁତରାଂ ଯଦି ଏହି ହଦିସ୍‌କୁ ସଠିକ୍ ବୋଲି ମାନି ନିଆଯାଏ ତେବେ ମଧ୍ୟ ଏହା ଅର୍ଥ କେବଳ ଏହା ହେବ ଯେ ହଜୁର ସ:ଆ:ସ ଏକ ପ୍ରଶାସନିକ ବିଷୟ ପ୍ରତି

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)'' *(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।'' *(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 18 Nov 2021 Issue No. 46

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଆମର ଦୃଷ୍ଟି ଆକର୍ଷଣ କରୁଛନ୍ତି ଯେତେବେଳେ ତୁମମାନଙ୍କ ମଧ୍ୟରୁ କାହାକୁ ଇମାମ୍ ବନାଇ ଦିଆଯାଏ ତା'ହେଲେ ତା'ର କାର୍ଯ୍ୟ ବିଷୟରେ ଆଗ୍ରହୀ ହୋଇ ତାଙ୍କର ଦୋଷ ଖୋଜିବାକୁ ଚେଷ୍ଟା କରନାହିଁ ବରଂ ତାଙ୍କର ସମ୍ପୁର୍ଣ୍ଣ ରୂପେ ଅନୁସରଣ କରି ତାଙ୍କ ପଛରେ ନାମଜ ପାଠକର ଏବଂ ତାଙ୍କ ନମାଜର ଗ୍ରହଣୀୟତା ପ୍ରସଙ୍ଗକୁ ଅଲ୍ଲାଃଙ୍କ ଉପରେ ଛାଡ଼ିଦିଅ ।

**ପ୍ରଶ୍ନ:-** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସୁଇଜରଲ୍ୟାଣ୍ଡର ନ୍ୟାସନାଲ୍ ମଜ୍‌ଲିସ୍ ଆମିଲାର ଭର୍ଚୁଆଲ୍ ସାକ୍ଷାତକାର ୭ ନଭେମ୍ବର ୨୦୨୦ ଦିନ ହୋଇଥିଲା । ସେଥିରେ ଆମେଲାର ଜଣେ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ କହିଲେ ଯେ ହଜରତ ମସିହ ମଉଦ ଆ:ସ ତିନୋଟି ମୁଦି ତିଆରି କରିଥିଲେ । ଆମେ ସେଥିମଧ୍ୟରୁ ଦୁଇଟି ମୁଦିକୁ ହଜୁରଙ୍କ ହାତରେ ପିନ୍ଧାଯାଇଥିବାର ଦେଖିଥାଉ । ତୃତୀୟ ମୁଦିଟି କାହା ନିକଟରେ ଅଛି ? ହଜୁର ଅନଓ୍ୱର ଅ:ବ:ଅ ଏହି ପ୍ରଶ୍ନର ଉତର ଦେଇ କହିଲେ:-

**ଉତର:- ''ଆଲୈସଲ୍ଲାହୁ ବିକାଫିନ୍ ଅବ୍‌ଦହୁ''** ଲେଖାଯାଇଥିବା ମୁଦିକୁ ହଜରତ ଅମ୍ମାଜାନ୍ ର:ଅ ହଜରତ ଖଲିଫତୁଲ୍ ମସିହ ସାନି (ଦ୍ୱିତୀୟ) ର:ଅଙ୍କୁ ଦେଇଥିଲେ । ଦ୍ୱିତରୀୟ ମୁଦି ଯେଉଁଥିରେ **''ଗରସ୍‌ତୁ ଲକା ବିୟଦି ରହ୍‌ମତି ଓ୍ୱ କୁଦ୍‌ରତି''** ଐଶିବାଣ ଲେଖା ହୋଇଛି, ତାହା ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍‌ଙ୍କୁ ଦେଇଥିଲେ ଏବଂ ତୃତୀୟ ମୁଦି ଯେଉଁଥିରେ **''ମୌଲା ବସ୍''** ଖୋଦିତ ହୋଇଥିଲଶ, ତାହା ହଜରତ ମିର୍ଜା ଶରିଫ୍ ଅହ୍‌ମଦ୍ ସାହେବ୍‌ଙ୍କୁ ଦେଇଥିଲେ । **''ଆଲୈସଲ୍ଲାହୁ''** ଲେଖାଯାଇଥିବା ମୁଦି, ଯାହା ହଜରତ ଖଲିଫତୁଲ୍ ମସିହ ସାନି ର:ଅଙ୍କୁ ଦିଆଯାଇଥିଲା ତାହା ହଜରତ ଖଲିଫତୁଲ୍ ମସିହ୍ ସାନି ଓ୍ୱସିୟତ୍ କରିଥିଲେ ଯେ ମୋ ପରେ ଯିଏ ବି ଖଲିଫା ହେବେ ତାଙ୍କୁ ଏହି ମୁଦି ଦିଆଯିବ ଏବଂ ଏହା ନିଜସ୍ୱ ସମ୍ପତି ହେବା ସତ୍ୱେ ମଧ୍ୟ ଖିଲାଫତ୍ ନିକଟକୁ ଚାଲିଯିବ । କିନ୍ତୁ ଅନ୍ୟ ମୁଦି ଦୁଇଟିକୁ ଏହି ଦୁଇଭାଇ ନିଜ ନିକଟରେ ରଖନ୍ତୁ । ଯେଉଁ ମୁଦିଟି ହଜରତ ମିର୍ଜା ଶରିଫ୍ ଅହ୍‌ମଦ୍ ସାହେବ୍‌ଙ୍କୁ ମିଳିଥିଲା, ତାଙ୍କ ଦେହାନ୍ତ ପରେ ତାହା ମୋ ବାପାଙ୍କ ଭାଗରେ ପଡ଼ିଲା । ତାଙ୍କ ପରେ ମୋ ମାଆ ସେହି ମୁଦିଟିକୁ ମତେ ଦେଇଦେଲେ । ପୁଣି ଅଲ୍ଲାଃ ତାଲା ଯେତେବେଳେ ମତେ ଖିଲାଫତ୍ ପ୍ରଦାନ କଲେ, ମୁଁ ସେହି ମୁଦିକୁ ପିନ୍ଧିବା ଆରମ୍ଭ କରିଦେଲି । ତୃତୀୟ ମୁଦି, ଯାହା ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ର:ଅଙ୍କ ନିକଟରେ ଥିଲା, ତାହା ତାଙ୍କ ମୃତ୍ୟୁ ପରେ ମିର୍ଜା ମୁଜଫର୍ ଅହ୍‌ମଦ୍ ସାହେବଙ୍କ ନିକଟକୁ ଚାଲିଗଲା । ହଜରତ ର୍ମିଜା ମୁଜଫର୍ ସାହେବଙ୍କର କୌଣସି ସନ୍ତାନ ନଥିଲେ, ତେଣୁ ସେ ହଜରତ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ଝିଅ ଅମତୁଲ୍ ଜମିଲ୍ ସାହିବା ଏବଂ ଶ୍ରୀମାନ୍ ନାସିର୍ ଅହ୍‌ମଦ୍ ସିଆଲ୍ ସାହେବ୍ ସୁପୁତ୍ର ହଜରତ ଚୌଧୁରୀ ଫତହ୍ ମୁହମ୍ମଦ୍ ସିଆଲ୍ ସାହେବ ର:ଅଙ୍କ ପୁତ୍ରଙ୍କୁ ପାଳିତ ବନାଇଥିଲେ । ସେ ତାଙ୍କ ଘରେ ରହି ବଢ଼ିଥିଲେ । ସେହି ମୁଦିଟିକୁ ସେ ତାଙ୍କୁ ଦେଇଥିଲେ । ଆଜିକାଲି ସେ ଆମେରୀକାରେ ରହୁଛନ୍ତି ।

**ପ୍ରଶ୍ନ:-** ସେହି ସାକ୍ଷାତକାର ୭ ନଭେମ୍ବର ୨୦୨୦ ଦିନ ଆଉ ଜଣେ ଆମେଲାର ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏହା କହିଲେ ଯେ ବିଗତ ଦିନ ଖୁତ୍‌ବା ଯୁମାରେ ହଜୁର ତୃତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ କହିଥିଲେ ଯେ ଯଦି ଏହା ଯୁଦ୍ଧ ହୁଏ ତେବେ କ'ଣ ଜମାତ୍ ଅହେମଦୀୟାର ସଦସ୍ୟମାନେ ଏହି ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବେ କି ? ହଜୁର ଅନଓ୍ୱର ଅ:ବ:ଅ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ବାକ୍ୟରେ ପ୍ରଦାନ କରିଛନ୍ତି: ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**ଉତର:-** ଉଦାହରଣ ରହିଛି ଯେ ଅଟା ସହିତ ଘୁନ୍ (ଏକପ୍ରକାରର ଘାସ ମଞ୍ଜି) ମଧ୍ୟ ପେଶି ହୋଇଯାଏ । ଆମେ ଘୁନ୍ ତ ନୁହନ୍ତି କିନ୍ତୁ ଯେତେବେଳେ ଏ ପୃଥିବୀ ଉପରେ ପ୍ରଭାବ ପଡ଼ିବ ସେତେବେଳେ ଅହେମଦୀମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବେ । କିନ୍ତୁ ଅହେମଦୀମାନଙ୍କର ସଂଖ୍ୟା ବହୁତ କମ୍ ରହିବ ଅର୍ଥାତ ମାମୁଲି ଭାବରେ ପ୍ରଭାବିତ ହେବେ । ଇସ୍‌ଲାମ୍‌ର ବିଜୟ ପାଇଁ ଯେଉଁ ଯୁଦ୍ଧ ହୋଇଥିଲା, ସେତେବେଳେ ଅଲ୍ଲାଃ ତାଲା ଏ ଭବିଷ୍ୟବାଣୀ କରିଥିଲେ ଯେ ତୁମେ ଯୁଦ୍ଧ ଜିତିବ ଏବଂ ଆଁ ହଜରତ ସ:ଆ:ସଙ୍କ ଯୁଗରେ ଯୁଦ୍ଧ ଜିଣା ମଧ୍ୟ ଯାଇଥିଲା । କିନ୍ତୁ ଦେଖ ସେହି ଯୁଦ୍ଧରେ କଣ ସାହାବାମାନେ ଶହୀଦ୍ ହୋଇନଥିଲେ ? ଏବେ ରୋଗ ମହାମାରୀ ଆସୁଛି । ଏହି ରୋଗଗୁଡ଼ିକର ଲକ୍ଷଣ ପ୍ରକାଶ ହେଉଛି, ଭୂମିକମ୍ପ ହେଉଅଛି ଏବଂ ବାତ୍ୟା ତୋଫାନ ଆସୁଅଛି । ଏହାଦ୍ୱାରା ବେଳେବେଳେ ଅହେମଦୀମାନଙ୍କୁ ମଧ୍ୟ କ୍ଷତି ପହଂଚିଥାଏ ।

ଯଦି ଆମେ ଅଲ୍ଲାଃ ତାଲାଙ୍କ ସହିତ ପ୍ରକୃତ ସମ୍ପର୍କ ସ୍ଥାପନ କରି ରଖିଥିବା, ଯେମିତିକି ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ''ଅଗ୍ନି ରହିଛି, କିନ୍ତୁ ସେହି ଲୋକମାନଙ୍କୁ ଅଗ୍ନିରୁ ରକ୍ଷା କରାଯିବ ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରୁଛନ୍ତି'' ।

ଯଦି ଆମମାନଙ୍କର ସମ୍ପର୍କ ଅଲ୍ଲାଃ ତାଲାଙ୍କ ସହିତ ସଠିକ୍ ଥିବ ଓ ଆମେମାନେ ଅଲ୍ଲାଃଙ୍କ ଅଧିକାରକୁ ପ୍ରଦାନ କରୁଥିବା, ତାହାଙ୍କ ଶିକ୍ଷା ଉପରେ ପରିଚାଳିତ ହେଉଥିବା, ତାଙ୍କର ଭକ୍ତ ଓ ସୃଷ୍ଟଜମାନଙ୍କ ପ୍ରତି ଥିବା ଅଧିକାରକୁ ଦେଉଥିବା ତେବେ ପୁଣି ଅଲ୍ଲାଃ ତାଲା ଆମର କ୍ଷତିକୁ ବହୁତ କମ୍ କରିଦେବେ ଏବଂ ଅଲ୍ଲାଃ ଆମକୁ ତା'ର କୃପା ଦ୍ୱାରା ବଂଚାଇ ଦେବେ ଓ ସଂସାରବାସୀଙ୍କୁ ଶିକ୍ଷା ମିଳିବ । କିନ୍ତୁ ଯଦି ଆମେ ଏହି ସମସ୍ତ ଅଧିକାରକୁ ପ୍ରଦାନ କରୁଥିବା ତା'ହେଲେ ଆମେ ଏ ସଂସାରବାସୀଙ୍କୁ ଏକଥା ବତାଇବାକୁ ପଡ଼ିବ ଯେ ଏହି ସମସ୍ତ ବିପଦ ଆପଦ ଈଶ୍ୱରଙ୍କଠାରୁ ଦୁରେଇ ଯିବା ଯୋଗୁଁ ଆସିଥାଏ ଓ ଅଲ୍ଲାଃ ତାଲାଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟ ସମ୍ପାଦନ ନ କରିବା ଯୋଗୁଁ ଆସିଥାଏ । ତେଣୁ ତୁମେମାନେ ସତର୍କ ହୋଇଯାଅ । ଯେବେ ବିଶ୍ୱଯୁଦ୍ଧ ଶେଷ ହେବ ସେତେବେଳେ ଲୋକମାନେ ଏହ ଜାଣିବାକୁ ପାଇବେ ଯେ ହଁ ଏମିତି ଗୋଷ୍ଠୀ, ସମ୍ପ୍ରଦାୟ, ମୁସଲମାନମାନଙ୍କ ଫିର୍କା ଓ ଗୋଟିଏ ଜମାତ ଆମକୁ ସତର୍କ କରାଉଥିଲା । ପୁଣି ସେମାନଙ୍କର ଧ୍ୟାନ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆକର୍ଷଣ ହେବ । ସେତେବେଳେ ସେମାନେ ଆପଣମାନଙ୍କ ନିକଟକୁ ଆସିବେ ।

ତେଣୁ ଯଦି ଆମେମାନେ ନିଜର କର୍ତବ୍ୟକୁ ସମ୍ପାଦନ କରୁଥିବା, ତେବେ ଆସନ୍ତା ବିଶ୍ୱଯୁଦ୍ଧ ପରେ ଜମାତ୍‌ର ଯେଉଁ ଉନ୍ନତି ହେବାକୁ ଅଛି, ତାହାର ଲକ୍ଷଣ ଆମେ ଦେଖିବା । କିନ୍ତୁ ଯଦି ଆମେମାନେ ଆମର କର୍ତବ୍ୟକୁ ସମ୍ପାଦନ କରୁନାହେଁ ଓ ଆମର ଅବସ୍ଥା ବି ଏହି ସଂସାରବାସୀଙ୍କ ଭଳି ସାଂସାରିକତାରେ ଭରି ରହିଥିବ ଓ ଆମେ ଏହି ସଂସାରର ପ୍ରେମରେ ବୁଡ଼ି ରହିଥିବା, ପାଚଂବେଳା ନମାଜ ପର୍ଢିବାକୁ ଭୂଲିଯାଇଥିବା, ଅଲ୍ଲାଃଙ୍କ ପ୍ରତିଥିବା କର୍ତବ୍ୟକୁ ଭୁଲିଯିବା ତା'ହେଲେ ପୁଣି ଆମେମାନେ ବି (ଏହି ଯୁଦ୍ଧର ପ୍ରଭାବରେ ପ୍ରଭାବିତ) ହୋଇଚାଲିବା । ଆମର ବି କୌଣସି ଗ୍ୟାରେଂଟି ନାହିଁ । କଣ ଆମକୁ ଅଲ୍ଲାଃ ତାଲା ଏ ଜମାନତ୍ ଦେଇଛନ୍ତି ଯେ ତୁମେମାନେ ବୟତ କରିନେଇଛ ତେଣୁ ତୁମେ ବଂଚିଯିବ ? ବୟତ ସହିତ ସର୍ତାବଳୀ ମଧ୍ୟ ରହିଛି । ଯଦି ଆମେ ସେହି ସର୍ତାବଳୀକୁ ପୂରଣ କରିବା ତା'ହେଲେ ବଂଚିଯିବା । ସେଥିଯୋଗୁଁ ହଜରତ ମସିହ ମଉଦ ଆ:ସ କହିଛନ୍ତି ଯେ ଅଗ୍ନିରୁ ସେମାନଙ୍କୁ ସୁରକ୍ଷା ଦିଆଯିବ । ଯେତେବେଳେ ତୁମେମାନେ ସେହି ସର୍ତାବଳୀଗୁଡ଼ିକୁ ପୂରଣ କରିବ । ଅଲ୍ଲାଃଙ୍କ ସହିତ ଆମର ପ୍ରେମ ଓ ଭଲ ପାଇବାର ସମ୍ପର୍କ କେବଳ କଥାରେ ନୁହେଁ ବରଂ କାର୍ଯ୍ୟରେ ହେବା ଉଚିତ । ସେତେବେଳେ ତୁମେ ବଂଚିଯିବ ।

**ପ୍ରଶ୍ନ:-** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ବଙ୍ଗଳାଦେଶର ମୁରବୀ/ମୁବଲ୍ଲିଗ୍ ମାନଙ୍କର ୮ ନଭେମ୍ବର ୨୦୨୦ ତାରିଖ ଦିନ ହୋଇଥିବା ଭର୍ଚ୍ୟୁଆଲ୍ ସାକ୍ଷାତାକର ସମୟରେ ଜଣେ ମୁରବୀ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ନିବେଦନ କଲେ ଯେ ସାଧାରଣତଃ ଯୁବଗୋଷ୍ଠୀ ବ୍ୟବସାୟ କିମ୍ବା ଚାକିରି କରିବା ପାଇଁ ସହରକୁ ଚାଲିଯାଉଛନ୍ତି ଫଳତ ଦେହାତି ଜମାତ୍‌ଗୁଡ଼ିକରେ କାର୍‌କୁନାନ୍ (ଜମାତ୍‌ର କର୍ମୀ) ଏବଂ ଓ୍ୱହ୍‌ଦାଦାର୍‌ମାନଙ୍କର ସଂଖ୍ୟା କମି ଯାଉଛି । ଏପରି ସ୍ଥଳେ ଆମେ କ'ଣ କରିପାରିବୁ ? ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ଉତର ପ୍ରଦାନ କରି କହିଲେ:-

**ଉତର:-** ଏହା ତ ଦୁନିଆର ନିୟମ । ପ୍ରତ୍ୟେକ ସ୍ଥାନରେ ଏ ପୃଥିବୀରେ ଏମିତି ହୋଇଥାଏ ଯେ Rural Area (ଗ୍ରାମୀଣ ଇଲାକା)ରୁ ଲୋକମାନେ Urban Area କୁ Migration କରିଥାନ୍ତି । ଅର୍ଥାତ ସହରୀ ଇଲାକାକୁ ଯାଇଥାନ୍ତି । ଯେଉଁଠି ଜାତିର ଉନ୍ନତିର କଥା ଉଠିଥାଏ ସେଠି ଏପରି ହେବା ସ୍ୱଭାବିକ କଥା । ଛୋଟ ଛୋଟ ଇଲାକା, କସ୍‌ବା ଓ ଗାଁ ଗହଳିର ଜନସଂଖ୍ୟା କ୍ଷିପ୍ରଗତିରେ ବଢ଼ିଚାଲିଛି । ଯଦି ଲୋକମାନେ ସେହିଠାରେ ହିଁ ରହିବେ ଓ ପାଠଶାଠ ପଢ଼ି ସହରକୁ ନ ଯିବେ ତା'ହେଲେ ଉନ୍ନତି ଓ ବିକାଶ ହୋଇପାରିବ ନାହିଁ । ସହରରେ ଉନ୍ନତି ଓ ବିକାଶର ଅବସର ଅଧିକ ମିଳୁଛି ବୋଲି ଏହା ଏକ ଲକ୍ଷଣ ଏବଂ ଜାତି ଉନ୍ନତି କରୁଛି ବୋଲି ଏହା ଏକ ଚିହ୍ନ । ସହରରେ ପାଠ ପଢ଼ିବା ପାଇଁ ଓ ଆଗକୁ ବଢ଼ିବା ପାଇଁ ଭଲ ଅବସର ମିଳୁଥିବାର ଲକ୍ଷଣ ।

ହଁ ବଙ୍ଗଳାଦେଶରେ ଆପଣମାନଙ୍କର ଜଣେ Econimist ଥିଲେ । ସେ Cottage Industry System କୁ ଆରମ୍ଭ କରିଥିଲେ । ସେଥିରେ ଗାଁ ଛାଡ଼ି ବାହାରକୁ ଯିବା ପରିବର୍ତେ ଗାଁ ରେ ଓ କସ୍‌ବାରେ ଓ ଛୋଟ ଛୋଟ କସ୍‌ବାରେ ଏହି Cottage Indsutry ରେ ଲୋକମାନେ କାମ କରିବେ ଏବଂ ସେଠି ସେମାନଙ୍କୁ Investment କରିବାର ସୁଯୋଗ ଉପଲବ୍ଧ ହେବ । ଯଦି ଏହିପରି କିଛି ସୁବିଧା ସୁଯୋଗ ମିଳୁଛି ତା'ହେଲେ ବହୁତ ଭଲ କଥା । ଜମାତ୍‌ର ଲୋକମାନଙ୍କୁ ସେଥିରୁ ଲାଭ ଉଠାଇବା କଥା ଓ ସେଠାରେ ରହି କାମ କରିବା ଉଚିତ । କିନ୍ତୁ ଯେଉଁମାନେ ଅଧିକ ପାଠ ପଢ଼ିଛନ୍ତି, ଯେଉଁମାନଙ୍କୁ ଶିକ୍ଷା ହାସଲ କରି ପୁଣି ଆଗକୁ ଅଧିକା ବଢ଼ିବା ପାଇଁ ସୁଯୋଗ ମିଳୁଛି, ସେମାନ ତ ଅବଶ୍ୟ ବାହାରକୁ ଚାଲିଯିବେ । ପୁଣି ଏପରି ସ୍ଥଳେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan